

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୪ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 MAY 2025
Vol.No. 36 ■ No.136 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net



# JOGENDRA HIGHER SECONDARY SCHOOL
## ANKO,RUPSA,BALASORE

## CHSE ANNUAL EXAMINATIONS RESULT-2025
## PRESERVING EXCELLENCE

*Repeating History*

100% FIRST CLASS

# Congratulations

100% FIRST CLASS




ADMISSION OPEN

CONTACT-9937533095,7751058287,9861074683,8260878728

# ଗୋଟିଏ ପରେ ଗୋଟିଏ ପ୍ରତିଶୃତି ରକ୍ଷା କରିବାରେ ସଫଳ ହେଉଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ

## ■ରିଙ୍ଗରୋଡ଼ ନିର୍ମାଣ ପାଇଁ ସରିଲା ପ୍ରାଥମିକ ସର୍ଭେ
## ■ଖୁବ୍‌ଶୀଘ୍ର ଆରମ୍ଭ ହେବ ବାଲେଶ୍ୱରବାସୀଙ୍କ ଦୀର୍ଘ ଦିନର ଆକାଂକ୍ଷିତ ପ୍ରକଳ୍ପ



ବାଲେଶ୍ୱର, ୨୩/୫ (ନି.ପ୍ର): ସଂପ୍ରସାରିତ ବାଲେଶ୍ୱର ସହରର ବର୍ଦ୍ଧିତ ଲୋକସଂଖ୍ୟା ଓ ଯାନବାହାନ ସଂଖ୍ୟାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସହର ଚତୁଃପାର୍ଶ୍ୱର୍ରେ ପ୍ରସ୍ତାବିତ ରିଙ୍ଗରୋଡ଼ ନିର୍ମାଣ ପ୍ରକଳ୍ପ ପ୍ରସ୍ତାବ ୨୦୧୬ ମସିହାରେ ପୂର୍ବ ସରକାରଙ୍କ ଅନୁମୋଦନ ପାଇବା ସହ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଜିଲ୍ଲା ପ୍ରଶାସନ ସମେତ ପୂର୍ତ୍ତ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ ପ୍ରଭୃତି ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଏକ କମିଟି ଦ୍ୱାରା ଏହି ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା । ନୁଣିଆଯୋଡ଼ି ଠାରୁ ସହର ଉପକଣ୍ଠ ଦେଇ ମୋଟ ୨୭ କିଲୋମିଟର ଲମ୍ବର ରାସ୍ତା ନିର୍ମାଣ ପାଇଁ ୩ ମାସ ମଧ୍ୟରେ ଚୁଡାନ୍ତ ରିପୋର୍ଟ ପ୍ରସ୍ତୁତ ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ସେତେବେଳେ କୁହାଯାଇଥିଲା । ରିଙ୍ଗରୋଡ଼ ନିର୍ମାଣ ହେଲେ ବାଲେଶ୍ୱର ସହରର ଟ୍ରାଫିକ୍ ସମସ୍ୟା ଦୂର କରିବା ସହିତ ଆର୍ଥିକ ବିକାଶ କ୍ଷେତ୍ରରେ ଏକ ଜୀବନ ରେଖା ଭାବେ ସାବ୍ୟସ୍ତ ହେବ ବୋଲି ଯୁକ୍ତି ଦର୍ଶାଯାଇଥିଲା । ମାତ୍ର ବିଗତ ୯ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ର ଦୂରର କଥା ସର୍ଭେ କାର୍ଯ୍ୟ ମଧ୍ୟ ଶେଷ ହୋଇ ପାରି ନଥିଲା । ବାଲେଶ୍ୱରବାସୀଙ୍କ ପାଇଁ ଏହି ପ୍ରକଳ୍ପ ବାସ୍ତବତାର ରୂପ ନେବା ପରିବର୍ତ୍ତେ କେବଳ ସ୍ୱପ୍ନରେ ସୀମିତ ହୋଇଯାଇଥିଲା । ତେବେ ରାଜ୍ୟରେ ନୂତନ ସରକାର ଗଠନ ପରେ ରିଂ ରୋଡ ପ୍ରକଳ୍ପକୁ ପୁଣି ଥରେ ବାସ୍ତବତାରେ ରୁପ ଦେବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ପୂର୍ବ ସରକାରଙ୍କ ଅନୁମୋଦନ ଉପରେ ରାଜ୍ୟରେ ଶାସନ ଭାର ନେଇଥିବା ନୂତନ ସରକାରଙ୍କ ଦୃଷ୍ଟିଭଙ୍ଗୀ ଏବଂ ପ୍ରକଳ୍ପର ବାସ୍ତବିକ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଗତ ବର୍ଷ ଡିସେମ୍ବର ୭ ତାରିଖ ବିଧାନସଭାର ପ୍ରଶ୍ନକାଳରେ ବିଧାୟକ ଶ୍ରୀ ଦତ୍ତ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଏହି ପ୍ରକଳ୍ପର ଖର୍ଚ୍ଚ ଅଟକଳ ସମ୍ପର୍କରେ ସମ୍ପୂର୍ଣ ତଥ୍ୟ ସହିତ ପ୍ରସ୍ତାବିତ ରାସ୍ତାର ଆରମ୍ଭ ଓ ଶେଷ ସ୍ଥାନ ଚିହ୍ନିତ ନକ୍ସା ଏବଂ ସମ୍ପୂର୍ଣ୍ଣ ବିସ୍ତୃତ ପ୍ରକଳ୍ପ ବିବରଣୀ (ଡିପିଆର) ପ୍ରଦାନ ପାଇଁ ସେ ନିବେଦନ କରିଥିଲେ । ସେତେବେଳେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ଶ୍ରୀ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଅନ୍ତର୍ଗତ ବାଲେଶ୍ୱର ରିଂ ରୋଡ ପ୍ରକଳ୍ପର ବିସ୍ତୃତ ସର୍ଭେ ପାଇଁ ସରକାରଙ୍କ ପକ୍ଷରୁ ପ୍ରତୀକ ଅନୁଦାନ ବ୍ୟବସ୍ଥା କରାଯାଇଛି । ଏହା ସହିତ ବିସ୍ତୃତ ପ୍ରକଳ୍ପ ବିବରଣୀ (ଡିପିଆର) ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ପରାମର୍ଶଦାତା ଚୟନ ନିମନ୍ତେ ଟେଣ୍ଡର ପ୍ରକ୍ରିୟାର ପ୍ରସ୍ତୁତି କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ । ତେବେ ଇତି ମଧ୍ୟରେ ରିଙ୍ଗରୋଡ ନିର୍ମାଣକୁ ବାସ୍ତବ ରୂପ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରାଥମିକ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ପ୍ରସ୍ତାବିତ ରିଙ୍ଗରୋଡର ବିଭିନ୍ନ ପଏଂଟ ଯଥା, ପାତ୍ରପଡା, ବଇଁଚା, ବୁଆଁଳ, କସମିଳା ଓ ନୁଣିଆଯୋରୀ ପ୍ରଭୃତି ସ୍ଥାନରେ ଆନ୍ତଃର୍ବିଭାଗୀୟ ପ୍ରାଥମିକ ସର୍ଭେ କରାଯାଇଛି । ସଦର ବିଧାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ବୈଷୟିକ ପରାମର୍ଶଦାତାଙ୍କ ସହ ସଦର ତହସିଲଦାର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଏସଡିଓ ପ୍ରମୁଖ ପ୍ରସ୍ତାବିତ ରିଙ୍ଗରୋଡ ନିର୍ମାଣର ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିଥିଲେ । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ରିଙ୍ଗରୋଡ ପାଇଁ ପ୍ରାଥମିକ ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଖୁବଶୀଘ୍ର ଏହାର ଡିପିଆର ପ୍ରସ୍ତୁତ ହୋଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ କହିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବାଲେଶ୍ୱର ସହରରେ ଟ୍ରାଫିକ ସମସ୍ୟା ନିରାକରଣ ସହ ବନ୍ୟା ନିୟନ୍ତ୍ରଣ ପାଇଁ ସୁବିଧା ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ରାଜ୍ୟରେ ପରିଚାଳିତ ଲୋକଙ୍କ ସରକାର ସର୍ବଦା ଲୋକଙ୍କ ସହ ଥିବା ବେଳେ ଲୋକଙ୍କ ପ୍ରତ୍ୟେକ ଆଶା ଓ ଆକାଂକ୍ଷା ପୂରଣ ପାଇଁ ସର୍ବଦା ଉଦ୍ୟମରତ ରହିଛନ୍ତି ବୋଲି ସେ କହିଛନ୍ତି ।

# ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଅଣ ସଂକ୍ରାମକ ରୋଗ ସମ୍ବନ୍ଧେ ଜନଜାଗୃତି କାର୍ଯ୍ୟକ୍ରମ

ବଡ଼ସାହି , ୨୩/୫ (ନି.ପ୍ର): ଚଳିତ ମେ ମାସ ୧୭ ତାରିଖ ଠାରୁ ଜୁନ ମାସ ୧୬ ତାରିଖ ପର୍ଯ୍ୟନ୍ତ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଅଣ ସଂକ୍ରାମକ ରୋଗ ସମ୍ବନ୍ଧରେ ଦୀର୍ଘ ଏକ ମାସ ଧରି ବିଭିନ୍ନ ପ୍ରକାରର ସାମୁହିକ ଜନ ଜାଗୃତି କାର୍ଯ୍ୟକ୍ରମ ଆୟୋଜିତ କରାଯାଉଅଛି । ଏହି କାର୍ଯ୍ୟକ୍ରମ ମଧ୍ୟରେ ଆଜି ଦେଉଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ବଡ଼ସାହି ବି.ଡି. ଓ. ଙ୍କ କାର୍ଯ୍ୟାଳୟ ରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଏବଂ ବଡ଼ସାହି ସି.ଇ.ଓ. କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀଙ୍କର ରକ୍ତଚାପ, ମଧୁମେହ ରୋଗର ଚିନ୍‌ହଟ କାର୍ଯ୍ୟକ୍ରମ କରାଯାଇଥିଲା । ଏହା ସହିତ କର୍ମଚାରୀ ଙ୍କ ଭିତରେ ଅଣସଂକ୍ରମିତ ରୋଗ ଉପରେ ଜାଗୃତା ହେବା ପାଇଁ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ସଠିକ ଉତ୍ତର ଦାତା ମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଉପହାର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବଡ଼ସାହି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ କୁମାରୀ ବନଜା ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ଦେଉଳିଆ ସ୍ୱାସ୍ଥ୍ୟକେନ୍ଦ୍ରର ମୂଖ୍ୟ ଚିକିତ୍ସିକା ଡ଼ା. ଆହୁତି ଦାଶ ଏବଂ ଆୟୁଷ ବିଭାଗର ଚିକିତ୍ସକ ଡ଼ା. ସମ୍ବିତ କୁମାର ଦାସ ସୂଚନା ଅନୁସାରେ ଆଜିର ବ୍ୟସ୍ତ ବହୁଳ ଜୀବନଚର୍ଯ୍ୟା ଏବଂ ଅଶୃଙ୍ଖଳିତ ଖାଦ୍ୟ ଗ୍ରହଣ ଯୋଗୁଁ ଅଣ ସଂକ୍ରାମକ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଆମ ଦେଶରେ ଏହା ଅତି ଦ୍ରୁତଗତି ରେ ବୃଦ୍ଧି ପାଇବାରେ ଲାଗିଛି ।ଏହି ଅଣ ସଂକ୍ରମିତ ରୋଗ ର କାରଣ, ଚିକିତ୍ସା ଓ ନିରାକରଣ ତଥା ସଚେତନତା ପାଇଁ ବହୁବିଧ କାର୍ଯ୍ୟକ୍ରମ ଉକ୍ତ ସମୟ ମଧ୍ୟରେ ଆୟୋଜନ ହେବ । ଯଥା ସାଇକେଲ ରାଲି, ଚିତ୍ର କଳା ଅଙ୍କନ, ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ, ରୋଗ ଚିହ୍ନଟ କାର୍ଯ୍ୟକ୍ରମ, ଏହାର ଚିକିତ୍ସା ଓ ସଚେତନତା ଶିବିର, ଡ଼ାକବାଜି ଯନ୍ତ୍ର ଦ୍ୱାରା ଗ୍ରାମ ପରିଭ୍ରମଣ, ଗୀତ ନୃତ୍ୟ, ଛୋଟିଚିତା, ତଥା ପଥପ୍ରାନ୍ତ ନାଟକର ଦ୍ୱାରା ଜନ ସଚେତନ ମାଧ୍ୟମରେ ରୋଗ ସମ୍ବନ୍ଧିତ ବାର୍ତ୍ତା ପ୍ରତି କୋଣ ଅନୁକୋଣ ରେ ପହଞ୍ଚାଇ ଲୋକ ମାନଙ୍କ ମଧ୍ୟରେ ଜାଗୃତା ସୃଷ୍ଟି କରିବା ସ୍ୱାସ୍ଥ୍ୟ କେନ୍ଦ୍ର ର ମୂଳ ଲକ୍ଷ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ମତ ପ୍ରକାଶ କରିଥିଲେ । ଜନସାଧାରଣ ଏହାକୁ ଭୟ ନକରି ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରି ସଠିକ ପଦକ୍ଷେପ ନେଲେ ଏହି ରୋଗକୁ ଦୁରେଇ ପାରିବେ । ଜନସାଧାରଣ ଙ୍କ ସୁବିଧା ପାଇଁ ଦେଉଳିଆ ସ୍ୱାସ୍ଥ୍ୟକେନ୍ଦ୍ର ର ଏଭଳି ପ୍ରୟାସ ଅତ୍ୟନ୍ତ ନିଆରା । ଆଗରୁ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କୀୟ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିବା ବେଳେ ଚିକିତ୍ସାଳୟ ର ଏ ଭଳି ମହତ୍ ଓ ଜନଜାଗୃତି କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କ ଜାଣିବା ପରେ, ଏହି ଅଞ୍ଚଳରେ ଏହାକୁ ଉଚ୍ଚ ପ୍ରଶଂସା କରିବା ସହିତ ଏଥିରେ ସାମିଲ ହୋଇ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଛନ୍ତି । ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଲୋକ ମାନଙ୍କର ଅତୁଟ ଆଶା ଭରସା ବୃଦ୍ଧି ପାଇଥିବା ରୁ ଆତ୍ମସନ୍ତୋଷ ସହ ସମସ୍ତ ଚିକିତ୍ସାଳୟର କର୍ମକର୍ତ୍ତା ମାନଙ୍କୁ ଡ଼ା.ଆହୁତି ଦାଶ ଓ ଡା.ସମ୍ବିତ କୁମାର ଦାସ ଧନ୍ୟବାଦ ଦେବା ସହିତ ଏଭଳି କାର୍ଯ୍ୟକ୍ରମର ଲାଭ ଉଠେଇବା କୁ ଜନସାଧାରଣଙ୍କୁ ଦେଉଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ନିବେଦନ କରିଛନ୍ତି । ଚିକିତ୍ସାଳୟ ର କର୍ମଚାରୀ ଙ୍କ ସହ, ସ୍ୱାଗତିକା ପ୍ରଧାନ, ସି.ଏଚ.ଓ, ସୁସ୍ମିତା ରାଉତ ସି.ଏଚ.ଓ, ପ୍ରତିଭା ପରିଡା ସି.ଏଚ.ଓ, ସୁଭାସ୍ମିତା ନାୟକ ସି.ଏଚ.ଓ, ନୀଳକଣ୍ଠ ନାୟକ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ମାନେ ଏହି କାର୍ଯ୍ୟକ୍ରମ ର ସଫଳ ରୂପାୟନ ପାଇଁ ସହଯୋଗ କରିଥିଲେ ।

# 'କମାଲର କ୍ୟାମ୍ପ' ଖେଳାଇ ଦେଇଛି ନୂଆ ଉତ୍ସାହ: ଭରିଦେଇଛି ଆଶା ବହୁ ସମ୍ଭାବନାର



ଉଦଳା , ୨୩/୫ (ନି.ପ୍ର): ବର୍ତ୍ତମାନ ଗ୍ରୀଷ୍ମଛୁଟିର ସମୟ । ବିଦ୍ୟାଳୟ ଛୁଟି ରହିଥିବାରୁ ପିଲାମାନେ ଏଣେତେଣେ ବୁଲାବୁଲି କରି ସମୟ ବିତାଉଛନ୍ତି । ମୟୂରଭଂଜରେ ପିଲାଏ ବଣଜଙ୍ଗଲ ବୁଲିବା, ବାଟୁଲିମାରି ପକ୍ଷୀ ଶିକାର କରିବା, ନଦୀ ଓ ପୁଷ୍କରିଣି ମାନଙ୍କରେ ସନ୍ତରଣ ପ୍ରତିଯୋଗିତା ମାନ ଆୟୋଜନ କରିବା ଇତ୍ୟାଦିରେ ଦିନ ବିତାଇ ଦେଉଥିବାର ଦୃଶ୍ୟ ପ୍ରତିବର୍ଷ ଦେଖିବାକୁ ମିଳିଥାଏ । ପାଠପଢ଼ା ସମ୍ପୂର୍ଣ୍ଣ ଛାଡ଼ିଦେଇ ଏହିଭଳି ସମୟ ବିତାଉଥିବା ପିଲା ବିଦ୍ୟାଳୟ ଖୋଲିବା ବେଳକୁ ଅଧାପାଠ ଭୁଲିଯାଇଥାନ୍ତି । ଆଉକିଛି ପିଲାଙ୍କୁ ନୁଆପାଠ ଧରିବା କଷ୍ଟକର ହୋଇପଡ଼ିଥାଏ । ଏତିକିବେଳେ ଜିଲ୍ଲାରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ବିଭିନ୍ନ ସ୍ଥାନରେ ଅସ୍ଥାୟୀ କ୍ୟାମ୍ପ ଖୋଲାଯାଇଛି । ଏହିସବୁ କ୍ୟାମ୍ପ ମାନଙ୍କରେ ପିଲାଙ୍କୁ ଅତିକମ୍‌ରେ ଗୋଟିଏ ଘଂଟା ପାଠ ସହିତ ବାନ୍ଧି ରଖିବାକୁ ଉଦ୍ୟମ କରାଯାଉଛି । ପିଲାଙ୍କୁ ପାଠ ପଢ଼ାଇବା ପାଇଁ ସ୍ଥାନୀୟ ଅଂଚଳର ଶିକ୍ଷିତ ଯୁବକ ଯୁବତୀ ମାନଙ୍କୁ ସ୍ୱେଚ୍ଛାସେବି ଭାବରେ ନିଯୁକ୍ତ କରାଯାଇଛି । ଏଥିରେ କେବଳ ଚତୁର୍ଥ, ୫ମ ଓ ୬ଷ୍ଠ ଶ୍ରେଣିର ପିଲାମାନେ ପଢୁଛନ୍ତି । ପିଲାଙ୍କୁ ନିୟମିତ ପଢ଼ିବା ଓ ଲେଖିବା ଅଭ୍ୟାସ କରାଯିବା ସହ ଗଣିତର ଗତିବିଧି ଦ୍ୱାରା ମୌଳିକ ଦକ୍ଷତାକୁ ସୁଦୃଢ଼ କରାଯାଉଛି । ଏହିଭଳି ସମଗ୍ର ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରାୟ ୨୫୦ଗୋଟିରୁ ଉର୍ଦ୍ଧ କ୍ୟାମ୍ପ ଖୋଲାଯାଇଥିବା ବେଳେ ୨୭୦୦ ପାଖାପାଖି ପିଲା ପଢୁଥିବାର ଖବର ଆମର ହସ୍ତଗତ ହୋଇଛି । ଜନଜାଗୃତି ମଞ୍ଚର ଏହିଭଳି ଏକ ଅଭିନବ ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ନିରୁପମା, ଆରତି, ଗୌତମ, ହରିପ୍ରିୟା, ରୁପାଏ, ସୋନାଲି, ଭାରତି, କାରୁକର, ଅଭିଲିପ୍ସା, ମାରାଡ଼ୋନା, ସୁମତି ଓ ମୋନାଲି ପ୍ରମୁଖ ଉକ୍ତ କ୍ୟାମ୍ପ ପରିଚାଳନାର ଦାୟିତ୍ୱ ତୁଲାଉଛନ୍ତି । ମଂଚର ଟିମ ଲିଡ଼ର ଗଦାଧର ଏହି କ୍ୟାମ୍ପକୁ ସଫଳ କରିବା ପାଇଁ ନେତୃତ୍ୱ ନେଇଛନ୍ତି । ସ୍ଥାନୀୟ ଜନପ୍ରତିନିଧି ମାନେ ମଧ୍ୟ ଏଥିପାଇଁ ସହଯୋଗର ହାତ ବଢ଼ାଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଗ୍ରୀଷ୍ମଛୁଟି ଅବସରରେ ଚାଲିଥିବା ଏହି କ୍ୟାମ୍ପ ଆଗାମି ଦିନରେ ବହୁ ସମ୍ଭାବନାର ଭିତିଭୂମି ସୃଷ୍ଟି କରିଛି ବୋଲି ଜ୍ଞାନି ଗୁଣି ଲୋକଙ୍କ ମହଲରେ ଚର୍ଚ୍ଚା ହେଉଛି । ପ୍ରକାଶ ଥାଉକି ଓଡ଼ିଶାର ୧୭ଗୋଟି ଜିଲ୍ଲାରେ ଏହି କ୍ୟାମ୍ପ ଏକା ସମୟରେ ଚାଲିଥିବା ବେଳେ କଟକର ଅରୁଣୋଦୟ ନଗରସ୍ଥିତ ପ୍ରଥମ ଏଜୁକେସନ ଫାଉଣ୍ଡେସନ ଓ ଆତ୍ମଶକ୍ତିଟ୍ରଷ୍ଟ ମିଳିତ ଭାବରେ ଏହାକୁ ପରିଚାଳନା କରୁଛନ୍ତି ।

# ବାଲିଆପାଳରେ ବେଧଡ଼କ ଚାଲିଛି ଚୋରା ମଦ ଚାଲାଣ: ସରକାରୀ ନିର୍ଦ୍ଦେଶକୁ ଫୁ

ବାଲିଆପାଳ , ୨୩/୫ (ନି.ପ୍ର): ବାଲିଆପାଳ ବସ୍ତା ମୁଖ୍ୟ ସଡକର ମାତ୍ର କିଛି ଦୂରତାରେ ସିମୁଳିଆ ଛକ ପୂର୍ତ୍ତ ବିଭାଗ ଭାସ୍ତା ପାର୍ଶ୍ୱରେ ଗଢିଉଠିଥିବା ବିଦେଶି ଠିପି ବନ୍ଦ ମଦ ଦୋକାନରୁ ଏବେ ଖୋଲମଖୋଲା ବୈଧଡକ ଭାବେ ଚୋରା ମଦ ଚାଲାଣ ହେଉଥିବା ଦେଖିବା ପାଇଁ ମିଳୁଛି । ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନକୁ ବେଧଡ଼କ ଭାବେ ଚୋରା ମଦ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଚେଇଁ ଶୋଇଛି । ଏହି ମଦ ଦୋକନଟି ସରକାରଙ୍କ ସବୁ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରୁଥିବାର ସାଧାରଣରେ ଅଭିଯୋଗ ହୋଇଛି । ମଦ ଦୋକାନରେ ସ୍କୁଲ କଲେଜ ଛାତ୍ରଙ୍କୁ ଅବାଧରେ ମଦ ବିକ୍ରୟ କରାଯାଉଥିବାର ମଧ୍ୟ ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ଏଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହୋଇଛି ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମପଂଚାୟତ ସୀମାନ୍ତରେ ଥିବା ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱର ଏହି ଠିପି ବନ୍ଦ ସରକାରୀ ବିଦେଶୀ ମଦ ଦୋକାନରେ ଦିନ ଦିପ୍ରହରରେ ମଦୁଆ ମାନେ ଖୋଲାଖୋଲି ଭାବେ ମଦପିଇ ରାସ୍ତା ରେ ବୋତଲଗଡ଼େଇ ଚାଲିଛନ୍ତି । ଏହି ମଦ ଦୋକାନ ସମସ୍ତ ସରକାରୀ ନୀତି ନିୟମକୁ ଉଲଙ୍ଘନ କରି ପୂର୍ତ୍ତ ବିଭାବ ରାସ୍ତା ପାର୍ଶ୍ୱରେ ଖୋଲାଯାଇଥିବା କାରଣରୁ ଦୈନନ୍ଦିନ ଏଠାରେ ଛୋଟବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେବା ସହ ଏହି ଦୋକାନରେ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ମୂଲ୍ୟ ଶୋଷଣ କରି ନିଆଯାଉଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଏହି ଦୋକାନ ସରକାରୀ ନିୟମର ବହୁ ପୂର୍ବରୁ ଖୋଲାଯାଇ ରାତ୍ରର ବିଳମ୍ବିତ ପ୍ରହରରେ ବନ୍ଦ କରାଯାଉଥିବାର ଅଭିଯୋଗ ହୋଇଛି । ଏହି ସ୍ଥାନର ଅଳ୍ପ ଦୂରରେ ମନ୍ଦିର ହସପିଟାଲ, ବିଦ୍ୟାଳୟ ରହିଥିବାରୁ ପ୍ରତିଦିନ ପୂଜାର୍ଚ୍ଚନା କରିବା ନିମନ୍ତେ ଯୁବତୀ, ମହିଳା ଓ ଶ୍ରଦ୍ଧାଳୁମାନେ ଆସିବା ସହ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଆନ୍ତି । ମାତ୍ର ରାସ୍ତା ପାର୍ଶ୍ୱରେ ମଦ୍ୟପଙ୍କ ଉତ୍ପାତ ଯୋଗୁ ଶ୍ରଦ୍ଧାଳୁ ଓ ଛାତ୍ରଛାତ୍ରୀମାନେ ଭୟଭୀତ ହୋଇପଡୁଥିବାର ଅଭିଯୋଗ ହୋଇଛି । ଏହି ମଦ ଦୋକାନରୁ ସ୍ଥାନୀୟ ଅଂଚଳର ବିଭିନ୍ନ ସ୍ଥାନକୁ ବାଇକଯୋଗେ ଅବାଧରେ ବିକ୍ରୟ ନିମନ୍ତେ ମଦ ପଠାଯାଉଥିବାର ଅଭିଯୋଗ ହୋଇଛି । ଏପରିକି ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କୁ ମଧ୍ୟ ଅବାଧରେ ମଦ ବିକ୍ରୟ କରାଯାଇ ସରକାରୀ ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରାଯାଉଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାର ଅଭିଯୋଗ ହୋଇଛି ଓ ପ୍ରଶାସନ ତରଫରୁ ତୁରନ୍ତ ଏହି ମଦ ଦୋକାନ ବିରୁଦ୍ଧରେ ଦୃଢ଼ କାର ?ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ନଚେତ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ମତ ପ୍ରକାଶ ପାଇଛି ।

## ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍ ପେ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୩/୫ (ନି.ପ୍ର): ସ୍ଥାନୀୟ ଓ-ହବ ଠାରେ ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଫୋନ୍ ପେ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସହଜ ବ୍ୟବସାୟ ସୁନିଶ୍ଚିତ କରିବା ସହ ଷ୍ଟାର୍ଟଅପ୍ ଗୁଡ଼ିକୁ ଡିଜିଟାଲ୍ ଭାବରେ ସଶକ୍ତ କରିବା ଲକ୍ଷ୍ୟରେ ଏହା ସ୍ୱାକ୍ଷରିତ ହୋଇଛି । ଷ୍ଟାର୍ଟଅପ୍ ଓଡ଼ିଶାର ମୁଖ୍ୟ ପ୍ରଶାସନିକ ଅଧିକାରୀ କମଲଜିତ ଦାସ ଏବଂ ଫୋନ୍‌ପେ ଲିମିଟେଡ୍ ମର୍ଚ୍ଚାଂଟ ବ୍ୟବସାୟର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଶ୍ରୀ ଯୁବରାଜ ସିଂହ ଶେଖାଓ୍ୱତ ଆନୁଷ୍ଠାନିକ ଭାବେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ ।

# ରାଧା କୃଷ୍ଣଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଆଳି, ୨୩/୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଯାଦବ ମହାସଭା ପକ୍ଷରୁ ଆଳି ବ୍ଲକ ଅନ୍ତର୍ଗତ ନିଆଳ ସପ୍ତଶାଳା ପଡ଼ିଆରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର ଓ ରାଧାକୃଷ୍ଣଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଠାରୁ ମହାଆଡମ୍ବରରେ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି । ବୁଧବାର ଦିନ ଶହେ ଆଠ କଳସ କଳସ ସ୍ଥାପନ ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା । ବୁଧବାର ଅଙ୍କୁରା ରୋପଣ,କଳସ ଯାତ୍ରା, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ ଓ ମଣ୍ଡଳ ପୂଜା ହୋଇଥିଲା । ଗୁରୁବାର ଦିନ ସୂର୍ଯ୍ୟ ପୂଜା, ଦେବତା ସ୍ନାନ, ଗୋପାଳ ସହସ୍ର ନାମାହୁତି ଓ ଦେବତା ଶୟନ ଅନୁଷ୍ଠିତ ହୋଇଥିଲାକ୍ଷ ଶୁକ୍ରବାର ଦିନ ଦେବତା ପ୍ରତିଷ୍ଠା, ମନ୍ଦିର ଓ ସିଂହାସନ ପ୍ରତିଷ୍ଠା ହେବା ପରେ ରାଧାକୃଷ୍ଣଙ୍କୁ ସିଂହାସନରେ ସ୍ଥାପିତ କରା ଯାଇଛି । ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଦେଖିବା ନିମନ୍ତେ ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ମହିଳା ପୁରୁଷ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ । ରାତିରେ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା । ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା । ଏହି ଉତ୍ସବକୁ ଆଳି ବ୍ଲକ ଯାଦବ ମହାସଭାର ସଦସ୍ୟ ମାନେ ପରିଚାଳନା କରିଥିଲେ । ସୂଚନା ଯୋଗ୍ୟ ଯେ ଆଳି ଯାଦବ ମହାସଭା ପକ୍ଷରୁ ଦୀର୍ଘବର୍ଷ ହେବ ଆଳିରେ ଭାବବାନ ଶ୍ରୀକୃଷ୍ଣଙ୍କ ମନ୍ଦିର ସ୍ଥାପନ କରିବା ନେଇ ପରିକଳ୍ପନା ଆରମ୍ଭ ହୋଇଥିଲା । ଯାଦବ ମହାସଭାର ସଦସ୍ୟ ମାନଙ୍କ ମିଳିତ ଉଦ୍ୟମରେ ମନ୍ଦିର ପୂର୍ଣ୍ଣାଙ୍ଗ ହେବା ସହ ଠାକୁରଙ୍କ ବିଗ୍ରହ ମଧ୍ୟ ସ୍ଥାପିତ ହୋଇଯାଇଛି । ଯାହାକି ଯାଦବ ମହାସଭାର ସଦସ୍ୟ ମାନଙ୍କୁ ଆନନ୍ଦିତ କରିଛି ।

# ଭାରତୀୟ ସେନାର ପରାକ୍ରମକୁ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ସାଲ୍ୟୁଟ ଜଣାଇଲେ ନୀଳଗିରିବାସୀ



ନୀଳଗିରି , ୨୩/୫ (ନି.ପ୍ର): ପେହେଲଗାମ ଠାରେ ପାକିସ୍ଥାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ବର୍ବରୋଚିତ ନରସଂହାରରକୁ ଭାରତୀୟସେନା 'ଅପରେସନ ସିନ୍ଦୁର'ମାଧ୍ୟମରେ ଘରେପଶି ଆତଙ୍କବାଦିଙ୍କ ଆଡ୍ଡାକୁ ବିଧ୍ୱଂସ କରିବା ସହିତ ପାକିସ୍ଥାନସେନାକୁ ମୁହଁତୋଡ ଜବାବ ଦେଇଛନ୍ତି ଭାରତୀୟ ବୀର ଯବାନ । ସେନାର ପରାକ୍ରମକୁ ସମ୍ମାନ ଜଣାଇ ସମଗ୍ର ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଉଥିବା ବେଳେ ଭାରତୀୟ ଜନତାପାର୍ଟି ନୀଳଗିରି ତରଫରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଅପରାହ୍ନ ୪ଟା ସମୟରେ ନୀଳଗିରି ଥାନାପଡିଆ ଠାରୁ ବିଜେପିର ବହୁ କର୍ମକର୍ତ୍ତା, ସାଧାରଣନାଗରିକ, ବିଭିନ୍ନ କଲେଜର ଶହଶହ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇ ନୀଳଗିରି ଜଗନ୍ନାଥମନ୍ଦିର ପର୍ଯ୍ୟନ୍ତ ଆସିଥିଲେ । ଭାରତ ମାତାକି ଜୟ, ପାକିସ୍ଥାନ ମୁର୍ଦାବାଦ୍ , ଭାରତୀୟ ସେନା ଜିନ୍ଦାବାଦ, ନାରାରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା । ଏହି ଶୋଭାଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ନାଏବ ସୁବେଦାର ହରିଶ ଚନ୍ଦ୍ର ବେହେରା, ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ୧୨ନଂ ଜିଲ୍ଲାପରିଷଦ ରଞ୍ଜିତା ସିଂ, ୨ନଂ ଜିଲ୍ଲାପରିଷଦ ଉଷାରାଣୀ ରାଉଳ, ୧ନଂ ଜିଲ୍ଲାପରିଷଦ ମୁନି ସିଂ,ଯୁବନେତା ଚନ୍ଦ୍ରଶେଖର ନନ୍ଦ, ସମରଶଙ୍କର କାନୁନଗୋ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, କୃତିବାସ ବେହେରା ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସେନାର ଧୈର୍ଯ୍ୟ, ପରାକ୍ରମର ଅବଧାରଣା ଦେବାସହିତ ମାତୃଭୂମି ପ୍ରତି ଉତ୍ସର୍ଗୀକୃତ ବୀରଯବାନଙ୍କୁ ସ୍ୟାଲୁଟ ଜଣାଇଥିଲେ ।

# ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ




ବାସୁଦେବପୁର, ୨୩/୫ (ନି.ପ୍ର): ବାସୁଦେବପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ଆଜି ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ର ମାନ୍ୟବର ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଉନୟନ ମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ବାସୁଦେବପୁର ବ୍ଲକ ବିଡିଓ ତନ୍ମିତା କର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ, ତିହିଡ଼ି ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ତିହିଡ଼ି ବ୍ଲକ ବିଡ଼ିଓ ନିରଞ୍ଜନ ବାରିକ୍,ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ,ବାସୁଦେବପୁର ପୌର ପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ,ବାସୁଦେବପୁର ବ୍ଲକ ସହକାରୀ ଯନ୍ତ୍ରୀ ଅନିମେଶ ସୁବୁଦ୍ଧି ରାୟ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବାସୁଦେବପୁର ବିଧାୟକ ଅଶୋକ ଦାସ ଙ୍କ ପ୍ରତିନିଧି କବି ଅଚ୍ୟୁତାନନ୍ଦ ପାଢ଼ୀ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ । ଫରେଷ୍ଟ ବିଭାଗ, ଇରିଗେ ସନ୍,ମିଶନ ଶକ୍ତି, କୃଷି, ମେଡ଼ିକାଲ, ପୌର ପାଳିକା, ପୋଲିସ ବିଭାଗ, ମତ୍ସ୍ୟ ବିଭାଗ, ପଶୁ ସଂପଦ ବିଭାଗ, ଯୋଗାଣ ବିଭାଗ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଏହି ବୈଠକରେ ଯୋଗ ଦେଇଥିଲେ ଓ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ଓ ପୌର ପାଳିକା ରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୪ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 MAY 2025

Vol.No. 36 ■ No.136 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ଭାରତର ନିଃଶ୍ୱାସ ବନ୍ଦ କରିଦେବୁ : ଭାରତକୁ ପାକ୍ ସେନାର ଫମ୍ପା ଧମକ



ନୂଆଦିଲ୍ଲୀ, ୨୩/୫ : ଭାରତକୁ ପୁଣି ଫମ୍ପା ଧମକ ଦେଇଛନ୍ତି ପାକିସ୍ତାନ ସେନା ମୁଖପାତ୍ର । ରାଜନେତାଙ୍କ ପରେ ଏବେ ପାକ୍ ସେନା ସିନ୍ଧୁ ଜଳ ବିବାଦ ଉପରେ ମତ ରଖିଛି । ଆତଙ୍କୀ ହାଫିଜ ସୟିଦ ସହ ସ୍ୱର ମିଶାଇଛନ୍ତି ସେନା ମୁଖପାତ୍ର । ସିନ୍ଧୁ ଜଳ ସନ୍ଧି ନେଇ ଆତଙ୍କବାଦୀ ହାଫିଜ ସୟିଦଙ୍କ ଭାଷାରେ ଚେତାବନୀ ଦେଇ ପାକିସ୍ତାନ ସେନାର ମୁଖପାତ୍ର ଲେଫ୍ଟେନାଣ୍ଟ ଜେନେରାଲ ଅହମଦ ସରିଫ୍ ଚୌଧୁରୀ ସିନ୍ଧୁ ଜଳ ସନ୍ଧିକୁ ନେଇ ଭାରତକୁ ଏକ ନୂଆ ଧମକ ଦେଇଛନ୍ତି । ଆତଙ୍କବାଦୀ ହାଫିଜ ସୟିଦଙ୍କ ଭାଷାକୁ ଅନୁକରଣ କରି କହିଛନ୍ତି, 'ଯଦି ତୁମେ ଆମକୁ ପାଣି ବନ୍ଦ କରିବ, ଆମେ ତୁମର ନିଃଶ୍ୱାସ ବନ୍ଦ କରିଦେବୁ' । ଏହି ବିବାଦୀୟ ବୟାନ ଏକ ସର୍ବସାଧାରଣ ସଭାରେ ଦିଆଯାଇଛି, ଯେଉଁଠାରେ ସେନା ମୁଖପାତ୍ର ଭାରତର ସିନ୍ଧୁ ଜଳ ସନ୍ଧି ସ୍ଥଗିତ ନିଷ୍ପତ୍ତିକୁ ଟାର୍ଗେଟ କରିଥିଲେ । ୧୯୬୦ରେ ବିଶ୍ୱ ବ୍ୟାଙ୍କ ଦ୍ୱାରା ମଧ୍ୟସ୍ଥତା କରାଯାଇଥିବା ଜଳ ସନ୍ଧି ଭାରତ ଓ ପାକିସ୍ତାନ ମଧ୍ୟରେ ସିନ୍ଧୁ ନଦୀ ଓ ତାହାର ସହାୟକ ନଦୀଗୁଡିକର ଜଳ ବଣ୍ଟନ ନିୟନ୍ତ୍ରଣ କରେ । ଭାରତର ଏହି ନିଷ୍ପତ୍ତି ପାକିସ୍ତାନର ଜଳ ସୁରକ୍ଷାକୁ ବିପଦରେ ପକାଇଛି, କାରଣ ପାକିସ୍ତାନ ତା'ର କୃଷି ପାଇଁ ସିନ୍ଧୁ ନଦୀ ଉପରେ ପ୍ରାୟ ୮୦% ନିର୍ଭର କରେ । ଭାରତୀୟ ଅଧିକାରୀମାନେ ପାକିସ୍ତାନର ଏହି ବୟାନକୁ 'ଆତଙ୍କବାଦୀ ମାନସିକତାର ପ୍ରତିଫଳନ' ବୋଲି ସମାଲୋଚନା କରିଛନ୍ତି ।

# ଭିଜିଲାନ୍ସ ଜାଲରେ ଇଞ୍ଜିନିୟର ସ୍ୱାମୀ: ପତ୍ନୀଙ୍କ ବ୍ୟବହାର ଦେଖି ତାଜୁବ୍ ହେଲା ଟିମ୍

ଭୁବନେଶ୍ୱର, ୨୩/୫ (ନି.ପ୍ର): ଚାକିରି କନିଷ୍ଠ ଯନ୍ତ୍ରୀ । ହେଲେ ସମ୍ପତ୍ତି, ଅଚଳାଚଳ । ଭୁବନେଶ୍ୱରରେ ଦୁଇ ଦୁଇଟି ବହୁତଳ କୋଠା, ୯ଟି ଦାମୀ ପ୍ଲଟ୍, ଫାର୍ମ ହାଉସ୍, ୫୦ ଲକ୍ଷ ଟଙ୍କାର ବୀମା ଓ ବ୍ୟାଙ୍କ ବାଲାନ୍ସ ଏମିତି କେତେ କଣ । ଆୟବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ରେଡରୁ ନୂଆପଡ଼ା ଆର ଆଣ୍ଡ ବି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କ ପାଖରୁ ଏମିତି ବିପୁଳ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ । ତେବେ ଭୁବନେଶ୍ୱର ଘରେ ଚଢ଼ାଉ ବେଳେ ସୁଶାନ୍ତଙ୍କ ପତ୍ନୀଙ୍କ ବ୍ୟବହାର ଦେଖି ତାଜୁବ୍ ତଦନ୍ତକାରୀ ଟିମ୍ । ଭିଜିଲାନ୍ସ ଜାଲରେ ଇଞ୍ଜିନିୟର ସ୍ୱାମୀ । ରେଡ୍ ବେଳେ ପତ୍ନୀଙ୍କ ରୋବାବ୍ ଦେଖି ତାଜୁବ୍ ତଦନ୍ତକାରୀ ଟିମ୍ । ପୂର୍ତ୍ତ ବିଭାଗର ନୂଆପଡ଼ା ଖରିଆର ରୋଡ୍ ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀଙ୍କ



ଭୁବନେଶ୍ୱର ଘରେ ଭିଜିଲାନ୍ସ ରେଡ ସମୟର ଏ ଦୃଶ୍ୟ । ପୂରା ଯୁଦ୍ଧଂଦେହୀ ମୁଦ୍ରାରେ ସୁଶାନ୍ତଙ୍କ ପତ୍ନୀ । ଘରେ ପଶିବାକୁ ବାଟ ଛାଡୁନାହାନ୍ତି କି ତଦନ୍ତକାରୀ ଅଧିକାରୀଙ୍କୁ ଜବତ୍ ଜିନିଷ ବି ଛାଡୁନାହାନ୍ତି । ଝିଙ୍କାଝିଙ୍କି, ଛଡ଼ାପଡ଼ା । କଥା କଥାକେ ତଦନ୍ତକାରୀ ଟିମକୁ ପଢ଼ାଉଛନ୍ତି ଆଇନର ପାଠ । ଏପଟେ ଏକକାଳୀନ ୮ଟି ସ୍ଥାନରେ ରେଡରୁ ସାମ୍ନାକୁ ଆସିଛି ଇଞ୍ଜିନିୟର ସୁଶାନ୍ତ ବାବୁଙ୍କ ଅସତ୍ ଅର୍ଜନର କଳା ଚିଠା । ପୁଳା ପୁଳା ଦାମୀ ପ୍ଲଟ ସହ, କୋଠା, ଫାର୍ମ ହାଉସ୍ ଏମିତି କେତେ କଣ । ଭୁବନେଶ୍ୱର ଗଙ୍ଗୋତ୍ରୀ ନଗରରେ ଥିବା ୩ ମହଲା ବିଶିଷ୍ଟ ଏ ବହୁତଳ ପ୍ରସାଦ କୌଣସି ହୋଟେଲଠୁ କମ୍ ନୁହେଁ।

▶▶ପୃଷ୍ଠା ୭

# ଆଜିଠୁ ଯୁକ୍ତ ଦୁଇ ନାମ ଲେଖା ଆବେଦନ: ଜୁନ୍ ୩୦ ଯାଏଁ ଅନ୍‌ଲାଇନ୍ ଆବେଦନ କରିପାରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୩/୫ (ନି.ପ୍ର): ଯୁକ୍ତ୨ ନାମଲେଖା ପାଇଁ ମେ' ୨୪ (ଶନିବାର) ଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଅନ୍‌ଲାଇନ୍ ମାଧ୍ୟମରେ ହେଉଥିବା ଏହି ଆବେଦନ ପ୍ରକ୍ରିୟା ଆସନ୍ତା ଜୁନ୍ ୩୦ ତାରିଖ ଯାଏଁ ଜାରି ରହିବ। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ ଆବେଦନ କରିପାରିବେ। ଏଥି ପାଇଁ ପିଲାମାନଙ୍କୁ www. samsodisha.gov.in କୁ ଯିବାକୁ ପଡ଼ିବ। ଜୁଲାଇ ୭ରେ ପ୍ରଥମ ମେରିଟ୍ ଲିଷ୍ଟ ବାହାରିବ। ଜୁଲାଇ ୮ରୁ ୧୪ ଯାଏଁ ଆଡମିସନ୍ ପ୍ରକ୍ରିୟା ଜାରି ରହିବ। ଜୁଲାଇ ୨୪ରୁ ଯୁକ୍ତ୨ ପ୍ରଥମ ବର୍ଷର ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ୧୬୦୦ରୁ ଅଧିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ୨ କଲେଜ) ସମେତ ସେଲ୍ଫ ଫାଇନାନ୍ସିଂ କଲେଜ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଶିକ୍ଷା କଲେଜରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।

▶▶ପୃଷ୍ଠା ୭

# ଲିଙ୍ଗରାଜ ମନ୍ଦିରରେ ପ୍ରବେଶ କଲେ ବିଦେଶୀ

ଭୁବନେଶ୍ୱର, ୨୩/୫ (ନି.ପ୍ର): ପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଶୁକ୍ରବାର ଦିନ ଜଣେ ଅଣହିନ୍ଦୁ ପ୍ରବେଶ କରିଛନ୍ତି। ସଂପୃକ୍ତ ବ୍ୟକ୍ତି ରୋମାନର ନାଗରିକ ବୋଲି ଜଣାପଡ଼ିଛି। ସେ ହେଲେ ଆଣ୍ଡ୍ରି ଖ୍ରୀଷ୍ଟିଆନ। ଲିଙ୍ଗରାଜ ମନ୍ଦିର ଭିତରେ ଜଣେ ବିଦେଶୀ ନାଗରିକ ତଥା ଅଣହିନ୍ଦୁ ବୁଲୁଥିବା ସମୟରେ ତାଙ୍କର ଗତିବିଧିକୁ ସନ୍ଦେହ କରି କିଛି ସେବାୟତ ଓ ଲିଙ୍ଗରାଜ ମନ୍ଦିର ପୁଲିସ ପଚରାଉଚରା କରିଥିଲେ। ବ୍ୟକ୍ତି ଜଣକ ରୋମାନର ନାଗରିକ ଏବଂ ତାଙ୍କ ନା ଆଣ୍ଡ୍ରି ଖ୍ରୀଷ୍ଟିଆନ ବୋଲି ଜଣାପଡ଼ିଥିଲା। ଏହାପରେ ଆଣ୍ଡ୍ରିଙ୍କୁ ମନ୍ଦିର ପରିସରରେ ଥିବା ଏକ ମନ୍ଦିର କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଇଥିଲା। ଅଣହିନ୍ଦୁ ମନ୍ଦିର ଭିତରକୁ ପ୍ରବେଶ କରିବାରୁ ମନ୍ଦିରର ଶୁଦ୍ଧିକରଣ କରାଯାଇଥିଲା।

# ଶ୍ରୀମନ୍ଦିରରେ ଲାଗିବ ଆଣ୍ଟିଡ୍ରୋନ ଟେକ୍ନୋଲୋଜି

ପୁରୀ, ୨୩/୫ (ନି.ପ୍ର): ପୁରୀ ଜଗନ୍ନାଥ ମନ୍ଦିରରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଏହି ୧୨ଶ ଶତାବ୍ଦୀର ହିନ୍ଦୁ ତୀର୍ଥସ୍ଥଳୀର ସୁରକ୍ଷା ପାଇଁ ଆଣ୍ଟି-ଡ୍ରୋନ ପ୍ରଯୁକ୍ତି ସ୍ଥାପନ ଉପରେ ବିଚାର କରୁଛନ୍ତି। ଏ ସମ୍ପର୍କରେ ଆଇନ ବିଭାଗ ଓଡ଼ିଶା ପୋଲିସ ସହ ଆଲୋଚନା କରି ପୁରୀ ଶ୍ରୀମନ୍ଦିରରେ ଆଣ୍ଟି-ଡ୍ରୋନ ବ୍ୟବସ୍ଥା ସ୍ଥାପନ କରିବାକୁ ଯୋଜନା କରିଛି, ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, "ମନ୍ଦିରରେ ଆଣ୍ଟି-ଡ୍ରୋନ ପ୍ରଯୁକ୍ତି ସ୍ଥାପନ କରାଯାଇପାରେ, ଏହି ବ୍ୟବସ୍ଥା ଅନଧିକୃତ କିମ୍ବା ସମ୍ଭାବ୍ୟ ବିପଜ୍ଜନକ ଡ୍ରୋନଗୁଡ଼ିକୁ





ଚିହ୍ନଟ, ଅନୁସରଣ ଏବଂ ନିଷ୍କ୍ରିୟ କରିବ।" ଆବଶ୍ୟକ ହେଲେ ଏହି ପ୍ରଯୁକ୍ତି ସ୍ଥାପନ ପାଇଁ ଆର୍ଥିକ ସହାୟତା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ) ଦ୍ୱାରା ପ୍ରଦାନ କରାଯିବ, ବୋଲି ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି। ଜାମ୍ମୁ ଓ କାଶ୍ମୀରର ପେହଲଗାମରେ ୨୨ ଏପ୍ରିଲ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ବୃଦ୍ଧି ପାଇବା ମଧ୍ୟରେ, ଓଡ଼ିଶା ସରକାର ପଡ଼ୋଶୀ ଦେଶରୁ ସମ୍ଭାବ୍ୟ ଆକ୍ରମଣର ଆଶଙ୍କାକୁ ଦୃଷ୍ଟିରେ ରଖି ଜଗନ୍ନାଥ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛନ୍ତି।

# ୧.୫୫ କୋଟି ଟଙ୍କାର ସାଇବର ଠକେଇ ଅଭିଯୋଗରେ ୨ ଗିରଫ

ଭୁବନେଶ୍ୱର, ୨୩/୫ (ନି.ପ୍ର): ଅନଲାଇନ ପୁଞ୍ଜିନିବେଶ ନାଁରେ କୋଟିପତି ହେବାର ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ୧.୫୫ କୋଟି ଟଙ୍କା ଠକି ନେଇଥିବା ୨ ଜଣ ସାଇବର ଠକଙ୍କୁ ଗିରଫ କରିଛି କ୍ରାଇମବ୍ରାଂଚ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ତୟବ ଖାନ ଏବଂ ଫିରୋଜ ଖାନ। ଉଭୟଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ ୨୦୨୫ ମସିହା ଜାନୁୟାରୀ ଏକ ତାରିଖରେ ଭୁବନେଶ୍ୱରରେ ରହୁଥିବା ଜଣେ ବ୍ୟକ୍ତି ସାଇବର ଥାନାରେ ରିପୋର୍ଟ କରିଥିଲେ।

▶▶ପୃଷ୍ଠା ୭

# ଓଡ଼ିଶାରେ ବାଂଲାଦେଶୀଙ୍କୁ ପ୍ରଶ୍ରୟ ଦେବା ମାମଲା: ଭୁବନେଶ୍ୱର ମେୟରଙ୍କ ବୟାନ ପରେ ତେଜିଲା ବୟାନବାଜି

ଭୁବନେଶ୍ୱର, ୨୩/୫ (ନି.ପ୍ର): ବାଲାଂଦେଶୀଙ୍କ ସପକ୍ଷରେ ବୟାନ ଦେଇ ଭୁବନେଶ୍ୱର ମେୟର ନିଜେ କଳା ପତାକା ଦେଖିଲେ ଦଳକୁ ମଧ୍ୟ ଅଡୁଆରେ ପକାଇଲେ । ଆଉ ଆଜି ବିଜେଡର ବାଲାଂଦେଶୀ ଲିଙ୍କ୍ ନେଇ ବିଜେପି ଆଣିଛି ସାଙ୍ଘାତିକ ଅଭିଯୋଗ । ଜୟନାରାୟଣ ମିଶ୍ର କହିଛନ୍ତି ଭୋଟବ୍ୟାଙ୍କ୍ ସଜାଇ ଓଡ଼ିଶାରେ ବାଲାଂଦେଶୀଙ୍କୁ ପ୍ରଶ୍ରୟ ଦେଇଥିଲା ବିଜେଡି । ମମତା ସରକାର ଦେଇଥିଲେ ଆଧାରକାର୍ଡ଼, ନବୀନ ସରକାର ଦେଉଥିଲେ ଆଶ୍ରୟ। ଅଭିଯୋଗକୁ ଖଣ୍ଡନ କରି ବିଜେଡି କହିଛି ବିଜେପି ସଂଖ୍ୟା



ଲଘୁ ବିରୋଧୀ । ରାଜ୍ୟ ରାଜନୀତିରେ ବାଲାଂଦେଶୀ ବିବାଦ । ଓଡ଼ିଶାରେ ବାଲାଂଦେଶୀଙ୍କୁ କିଏ ଦେଇଛି ପ୍ରଶ୍ରୟ ? ବରିଷ୍ଠ ବିଜେପି ନେତା ଜୟନାରାୟଣଙ୍କ ସାଂଘାତିକ ବୟାନ- ଭୋଟ ବ୍ୟାଙ୍କ ପାଇଁ ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେଇଥିଲା ବିଜେଡି। ସେମାନଙ୍କର ଆଧାର କାର୍ଡ ବନେଇ ରାଜ୍ୟରେ ଥଇଥାନ କରିଛି ଶଙ୍ଖଦଳ । ପଶ୍ଚିମବଙ୍ଗ ସରକାର ସମର୍ଥନରେ ବାଂଲାଦେଶୀ ଆଧାର କାର୍ଡ, ଭୋଟର କାର୍ଡ ଓ ରାସନ୍ କାର୍ଡ଼ ପାଉଥିଲେ ।

▶▶ପୃଷ୍ଠା ୭

# ଜୁନ୍ ୩ରେ କୋଟିଆ କମିଟିର ପ୍ରଥମ ବୈଠକ

ଭୁବନେଶ୍ୱର, ୨୩/୫ (ନି.ପ୍ର): ଜୁନ୍ ୩ ତାରିଖରେ ବସିବ କୋଟିଆ କମିଟିର ପ୍ରଥମ ବୈଠକ । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । କୋଟିଆ ପାଇଁ ନିଯୁକ୍ତ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତ କରାଯିବ । ଏହାସହ କୋଟିଆ ପାଇଁ ଦୀର୍ଘ ଓ ସ୍ୱଳ୍ପ ମିଆଦୀ ଯୋଜନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି । ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, 'ମାମଲାର ପୁନଃବିଚାର ପାଇଁ ସୁପ୍ରିମକୋର୍ଟରେ ଆବେଦନ ହୋଇଛି । କୋଟିଆ ଲୋକେ ଓଡ଼ିଶା ସହିତ ଥିଲେ ଓ ରହିବେ।' ସୂଚନାଯୋଗ୍ୟ, ଦୀର୍ଘ ଦିନ ଧରି କୋଟିଆ ସୀମା ବିବାଦ ଲାଗି ରହିଛି । ଯାହାକୁ ଦୂର କରିବା ପାଇଁ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ । କମିଟିରେ ମୋଟ ୧୬ ଜଣ ସଦସ୍ୟ ରହିଛନ୍ତି । କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ ଅଧୀନ କୋଟିଆ ପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର । ସମସ୍ତଙ୍କ ପାଖରେ କିପରି ସରକାରୀ ସୁବିଧା ସୁଯୋଗ ପହଞ୍ଚି ପାରିବ ତାହାର ତର୍ଜମା କରିବ ଏହି ରାଜ୍ୟସ୍ତରୀୟ କମିଟି । ସେପଟେ ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ଧନ୍ୟବାଦ ଜଣାଇଛନ୍ତି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ । ଏହି କମିଟି ଗଠନ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି ।

# ଭୁଲ ନାହିଁ, ତୁମର ଜନ୍ମ କେମିତି ହୋଇଥିଲା: ବାଂଲାଦେଶକୁ ସଫା ସଫା ଶୁଣାଇଦେଲେ ଶାହା

ନୂଆଦିଲ୍ଲୀ, ୨୩/୫ : ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବାଂଲାଦେଶକୁ ଏକ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ୧୯୭୧ ମୁକ୍ତି ଯୁଦ୍ଧ ସମୟରେ ଦେଶ ସୃଷ୍ଟିରେ ସୀମା ସୁରକ୍ଷା ବଳ ଯେଉଁ ବଡ଼ ଭୂମିକା ଗ୍ରହଣ କରିଥିଲା, ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଅମିତ ଶାହ ଏହା କହିଥିଲେ। ସେ କହିଛନ୍ତି, 'ବିଏସଏଫର ଯାତ୍ରା ଯେତିକି କଷ୍ଟକର, ସେତିକି ରୋମାଞ୍ଚକର। ବିଏସଏଫର ଭାଗ୍ୟରେ ଏପରି ଏକ ସୁଯୋଗ ଆସିଲା ଯେ ଏହାର ଗଠନର ୬



ବର୍ଷ ମଧ୍ୟରେ, ଏହାକୁ ସବୁଠାରୁ କଷ୍ଟକର ସୀମାରେ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିଲା। ୧୯୬୫ ମସିହାରେ ଏହାର ପ୍ରତିଷ୍ଠା ପରେ, ୧୯୭୧ ମସିହାରେ ଆମ ଉପରେ ଲଦି ଦିଆଯାଇଥିବା ଯୁଦ୍ଧରେ ବିଏସଏଫ ସୈନିକମାନେ ଯେଉଁ ସାହସିକତା ଦେଖାଇଥିଲେ, ସେମାନଙ୍କ ଦ୍ୱାରା ଦିଆଯାଇଥିବା ଅବଦାନକୁ ନା ଭାରତ ଭୁଲିପାରିବ ନା ବାଂଲାଦେଶ କେବେ ଭୁଲିପାରିବ। ବାଂଲାଦେଶ ଗଠନରେ ବିଏସଏଫ ବହୁତ ବଡ଼ ଭୂମିକା ଗ୍ରହଣ କରିଥିଲା।' ପାକିସ୍ତାନ ସହିତ ସମ୍ପ୍ରତି ହୋଇଥିବା ସେନା ସଂଘର୍ଷ ସମ୍ପର୍କରେ ସେ କହିଛନ୍ତି, 'ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ବିଷୟରେ ପଚରାଯାଇଥିଲା ଏବଂ ସେମାନଙ୍କ ପରିବାର ସମ୍ମୁଖରେ ସେମାନଙ୍କୁ ବାଛି ବାଛି ହତ୍ୟା କରାଯାଇଥିଲା। ବିହାରରେ ଆମର ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏହାର ଉପଯୁକ୍ତ ଜବାବ ଦିଆଯିବ। ଅପରେସନ୍ ସିନ୍ଦୂର ହେଉଛି ଏହାର ଉତ୍ତର।

▶▶ପୃଷ୍ଠା ୭

# ୯ ରାଜ୍ୟରେ ଜ୍ୟୋତିଙ୍କ ଜାଲ: ପୁଲିସ ସହ ଏନ୍‌ଆଇଏର ଯୋଗାଯୋଗ

ନୂଆଦିଲ୍ଲୀ, ୨୩/୫ : ହରିୟାଣା ହିସାରର ଝିଅର ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଧରାପଡ଼ିବା ପରେ ସାରା ଦେଶରେ ଚାଞ୍ଚଲ୍ୟ ଖେଳିଯାଇଛି । ହରିୟାଣା ପୁଲିସ ଓ ଏନ୍‌ଆଇଏ ବିଭିନ୍ନ ଦିଗରେ ତଦନ୍ତ କରୁଛି । ତେବେ ଯେଉଁ ରାଜ୍ୟକୁ ଯାଇ ଜ୍ୟୋତି ଅଧିକ ଭିଡ଼ିଓ ପ୍ରସ୍ତୁତ କରିଛନ୍ତି ସେହି ରାଜ୍ୟର ପୁଲିସ ସହ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ସହ ଯୋଗାଯୋଗ କରିଛି । ସେହି ରାଜ୍ୟରେ ଜ୍ୟୋତିଙ୍କ ଗତିବିଧି କ'ଣ ଥିଲା ? କେଉଁ କେଉଁ ଅଞ୍ଚଳର ଭିଡ଼ିଓ ରେକର୍ଡ଼ିଂ କରିଥିଲେ ? ସାଥିରେ ଆଉ କିଏ ଥିଲେ ? ଏନେଇ



ଖୋଳତାଡ଼ କରୁଛି ଏନ୍‌ଆଇଏ । ତେବେ ଯେଉଁ ରାଜ୍ୟ ସହ ଏନ୍‌ଆଇଏ ଯୋଗାଯୋଗ କରିଛି ସେଗୁଡ଼ିକ ହେଲା ଓଡ଼ିଶା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ପଞ୍ଜାବ, ଜମ୍ମୁକାଶ୍ମୀର, ରାଜସ୍ଥାନ । ଜ୍ୟୋତିଙ୍କ ଇନଷ୍ଟାଗ୍ରାମ ଓ ଫେସବୁକ ଆକାଉଣ୍ଟରେ ଅନେକ ସ୍ଥାନ ରହିଛି ଯେଉଁଠି ପହଞ୍ଚି ସେ ଶହ ଶହ ଭିଡ଼ିଓ କରିବା ସହ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ରାଜସ୍ଥାନ, ଗୁଜରାଟ ଓ ପଞ୍ଜାବ ପରି ସୀମାବର୍ତ୍ତୀ ରାଜ୍ୟଗୁଡ଼ିକ ରହିଛି । ପୁଲିସର ସନ୍ଦେହ କରୁଛି ଯେ ସମ୍ବେଦନଶୀଳସ୍ଥାନ ଗୁଡ଼ିକର ଅଧିକ ଭିଡ଼ିଓ କରୁଥିଲେ ଗୁପ୍ତଚର । ତେବେ ମେ ୨୬ ପର୍ଯ୍ୟନ୍ତ ରିମାଣ୍ଡରେ ଥିବା ଜ୍ୟୋତି ଓ ଅନ୍ୟ ଗୁପ୍ତଚରଠୁ ଅଧିକ ତଥ୍ୟ ଯୋଗାଡ କରିବାକୁ ଲାଗିପଡ଼ିଛି ହରିୟାଣା ପୁଲିସ । ସେପଟେ ଜ୍ୟୋତିଙ୍କ ବାପା କହିଛନ୍ତି ତାଙ୍କ ଝିଅକୁ ମିଛ ମାମଲାରେ ଫସାଯାଇଛି ।

▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତ ଧର୍ମଶାଳା ନୁହେଁ...

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟ ନିକଟରେ କହିଛନ୍ତି- 'ଶହେ ଚାଳିଶ କୋଟି ଲୋକଙ୍କ ସମସ୍ୟା ସହିତ ଯୁଝୁଥିବା ଭାରତ ଏକ ଧର୍ମଶାଳା ନୁହେଁ ଯେ ସରା ବିଶ୍ୱର ଶରଣାର୍ଥୀଙ୍କୁ ରହିବା ପାଇଁ ସ୍ଥାନ ଦେଉଥିବ' । ଏକଥା ଅକ୍ଷରେ ଅକ୍ଷରେ ସତ ଏବଂ ବାସ୍ତବରେ ଚିନ୍ତା ଉଦ୍ରେକକାରୀ। ତେବେ ଏଇ ପରିପ୍ରେକ୍ଷୀରେ ଭାରତୀୟ ମହାନତାର କେତୋଟି ଦୃଷ୍ଟାନ୍ତ : ୧୮୯୩ରେ ଚିକାଗୋଠାରେ ଆୟୋଜିତ ବିଶ୍ୱ ଧର୍ମ ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ସ୍ୱାମୀ ବିବେକାନନ୍ଦ ଭାରତର ପରିଚୟକୁ ସମଗ୍ର ବିଶ୍ୱବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ଯାଇ କହିଥିଲେ, 'ସେ ଏମିତି ଏକ ଦେଶର ବାସିନ୍ଦା ଭାବରେ ନିଜେ ଗର୍ବ ଅନୁଭବ କରନ୍ତି, ଯାହା ପୃଥିବୀର ସବୁ ଧର୍ମର ଏବଂ ସବୁ ଦେଶର ଦଣ୍ଡିତ ତଥା ବାସଚ୍ୟୁତ ଶରଣାର୍ଥୀମାନଙ୍କୁ ଆଶ୍ରୟ ପ୍ରଦାନ କରିଛି।' ଏହାର ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପରେ ଫରାସୀ ଚିନ୍ତାନାୟକ ଏବଂ ଲେଖକ ଜାଁ ପଲ୍ ସାର୍ତ୍ରେ ହୋମୋ ସାପିଏନ୍ ପ୍ରଜାତିର ଅନ୍ୟ ସଦସ୍ୟମାନଙ୍କ କେବଳ ଅବସ୍ଥିତିକୁ ନେଇ ଗୋଟିଏ ବର୍ଗର ଲୋକମାନଙ୍କ ଚିନ୍ତାଧାରା ଉପରେ ପ୍ରତିଫଳନ କରିଥିଲେ, ଯାହା ସେହି ସଦସ୍ୟମାନଙ୍କ ପାଇଁ ଦୁର୍ଦ୍ଦଶାକୁ ବହନ କରି ଆଣିଥାଏ। ବିଶ୍ୱର ଧନୀକ ଏବଂ କ୍ଷମତାଶାଳୀ ବର୍ଗଙ୍କ ସମାଲୋଚକ ଭାବରେ ସେ ତାଙ୍କର ନାଟକ 'ନୋ ଏକ୍‌ଜିଟ୍'ରେ ଲେଖିଲେ, 'ଅନ୍ୟ ଲୋକମାନେ ନର୍କକୁ ଯାଆନ୍ତୁ' (ହେଲ୍ ବର୍ଗର ଲୋକମାନେ ଅନ୍ୟମାନଙ୍କ ଦୁଃଖ ଯମଦର ପିପଲ୍) । ସମଗ୍ର ବିଶ୍ୱ ଅନୁପାଳନ କରୁଥିବା ଏହି ପ୍ରଥାକୁ ଭାରତ ମଧ୍ୟ ଅନୁପାଳନ କରୁଛି ; ଅତଏବ, ଶହେ ବର୍ଷରୁ ଅଧ ?କ ସମୟ ପୂର୍ବେ ସ୍ୱାମୀ ବିବେକାନନ୍ଦ ବିଶ୍ୱ ସମ୍ମୁଖରେ ଭାରତୀୟ ଉଦାରତାର ଯେଉଁ ପରିଭାଷା ଉପସ୍ଥାପିତ କରିଥିଲେ, ତାକୁ ଦେଶ ବର୍ତ୍ତମାନ ମାନି ନେବା ଏତେ ସହଜ ନୁହେଁ, ବରଂ ମାନି ପାରିବ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ସାର୍ତ୍ରେ ଯେଉଁ ପରିଭାଷା ନିର୍ଦ୍ଧାରଣ କରିଥିଲେ- ଅନ୍ୟମାନଙ୍କୁ ନର୍କର କୀଟ ଭାବରେ ବିବେଚନା କରିବା– ତା' ଉପରେ ଭାରତ ଚିନ୍ତନ ମନନ କରିବା ଉପଯୁକ୍ତ କାର୍ଯ୍ୟ ହେବ । ଏକଥା ସତ ଯେ ଭାରତ ବର୍ତ୍ତମାନ ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଦେଶ ଏବଂ ଏହି ସଂଖ୍ୟା ପ୍ରତି ମୁହୂର୍ତ୍ତରେ ବୃଦ୍ଧି ପାଇ ଚାଲିଛି । ଏମିତିରେ ବି ସାଧାରଣରେ ବିଶ୍ୱର ଅନ୍ୟାନ୍ୟ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ଯେପରି କାମ କରିବା ବୟସର ଲୋକମାନଙ୍କ ସଂଖ୍ୟାକୁ ନେଇ ସଂଘର୍ଷ କରୁଥିବା ଲୋକମାନଙ୍କ ଆଗମନ ପ୍ରତି ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ସେପରି କରିବା କଥା ସପକ୍ଷରେ ଭାରତ କ୍ଷେତ୍ରରେ କୁହାଯାଇ ନପାରେ। ଡୋନାଲ୍ଡ ଟ୍ରମ୍ପଙ୍କ ଅଧୀନରେ ଆମେରିକା ସମେତ ଅନ୍ୟାନ୍ୟ ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ଶରଣାର୍ଥୀମାନଙ୍କ ବାବଦରେ ଅତ୍ୟନ୍ତ କଠୋର ଆଇନ୍ କାନୁନ୍ କାର୍ଯ୍ୟକାରୀ କରୁଛନ୍ତି, ତେଣିକି ସେଇ ଶରଣାର୍ଥୀମାନେ ରାଜନୀତିକ ହେଉ କି ଅର୍ଥନୀତିକ କାରଣରୁ । ଦେଶ ଏକ 'ଧର୍ମଶାଳା' (ମାଗଣାରେ ରହିବା ପାଇଁ ଆଶ୍ରୟସ୍ଥଳୀ) ନୁହେଁ ଏବଂ ଏହା ବାହାର ଦେଶର କୌଣସି ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବ ନାହିଁ ବୋଲି ସେମିତି କିଛି ନୀତି ଭାରତ ସରକାରଙ୍କର ନାହିଁ । ଏହି ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟଙ୍କର ମନ୍ତବ୍ୟ- ଭାରତ ଏକ ମାଗଣାରେ ରହିବାର ଆଶ୍ରୟସ୍ଥଳୀ ନୁହେଁ- ଏକ ଅନନ୍ୟ ମନ୍ତବ୍ୟ ମନେହୁଏ । କୋର୍ଟଙ୍କର ଏପରି ମନ୍ତବ୍ୟ ଆସିଛି ଜଣେ ଶ୍ରୀଲଙ୍କା ଅଧିବାସୀ ତାମିଲ ନାଗରିକଙ୍କର ଭାରତରେ ବାସ କରିବାର ଅନୁମତି ମାଗିବାକୁ ନେଇ ନିବେଦନ କରିବା ପରେ । ଶ୍ରୀଲଙ୍କାରେ ଘଟିଥିବା ଜାତିଗତ ବିଦ୍ରୋହ ଏବଂ ଏହାର ରକ୍ତାକ୍ତ ଇତିହାସ ସମ୍ପର୍କରେ ଅଧ ?କ ବଖାଣିବାର ଆବଶ୍ୟକତା ନାହିଁ ; ଭାରତରେ ଗତ ତିନି ଦଶନ୍ଧି ଧରି ଶ୍ରୀଲଙ୍କା ତାମିଲ ଶରଣାର୍ଥୀମାନଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଢେର୍ ଆଲୋଚନା ହୋଇ ଆସୁଛି । ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ମାମଲାକୁ ସ୍ୱତନ୍ତ୍ର ଭାବରେ ବିଚାର କରିବା ସହିତ ତଦନୁସାରେ ନିଷ୍ପତ୍ତି ନେବା କ୍ଷେତ୍ରରେ କୋର୍ଟ ତାଙ୍କ ନିଜର ଅଧିକାର ଭିତରେ ଯଥାଯଥ ଭାବରେ ରହିଛନ୍ତି, କିନ୍ତୁ କୋର୍ଟରୁ ନିଷ୍ପନ୍ନ ଏଭଳି ନୀତି-ଆମନ୍ତ୍ରଣକାରୀ ବିବୃତି ହୁଏତ ସଭ୍ୟ ସମାଜର ଚିନ୍ତା କରିବାର ଶୈଳୀ ସହିତ ସମ୍ପୂର୍ଣ୍ଣ ଭାବରେ ମେଳ ଖାଇ ନପାରେ । ଦେଶର ଦାର୍ଶନିକ ଆତ୍ମାମାନଙ୍କ ଆଗ୍ରହ ଏବଂ ବାସ୍ତବ ରାଜନୀତିର ପ୍ରତିବନ୍ଧକ ମଧ୍ୟରେ ଏକ ଭାବ ବିନିମୟ ଘଟିବାର ଆବଶ୍ୟକତା ରହିଛି ଏବଂ ଏ ବାବଦରେ ଏକ ନୀତି ପ୍ରଣୟନ କରିବାର କାମକୁ ରାଜନେତାମାନଙ୍କ ଉପରେ ଛାଡ଼ିଦେବା ଉତ୍ତମ କାର୍ଯ୍ୟ ହେବ। ସ୍ୱାମିଜୀଙ୍କ ଦ୍ୱାରା ଚିକାଗୋରେ ପ୍ରଦତ୍ତ ବିବରଣୀଠାରୁ ଭାରତ ଯେତେ ଆଗକୁ ଯାଇଥାଉ ନା କାହିଁକି, ଜଣେ ବ୍ୟକ୍ତିଙ୍କୁ ଆଶ୍ରୟ ପ୍ରଦାନ କରିବା କ୍ଷେତ୍ରରେ କୋର୍ଟ ନିଜକୁ ଅନୁକମ୍ପାର ଆଦର୍ଶବାଦଠାରୁ ଦୂରେଇ ନେଇ ଭିନ୍ନ ଭାବରେ ଅବସ୍ଥାପିତ କରିବା ସମ୍ଭବତଃ ଏକ ରୁଚିପୂର୍ଣ୍ଣ ଦୃଶ୍ୟ ହେବନାହିଁ ।

# ସର୍ବଧର୍ମ ସମନ୍ୱୟର ପ୍ରତୀକ -: ଶ୍ରୀଜଗନ୍ନାଥ



**ଭୋଳାନାଥ ସାହୁ**

ନିଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ

ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ

ଅଶରଣର ଶରଣ, କୋଟି କୈବଲ୍ୟନାଥ, କୋଟି କୋଟି ଓଡ଼ିଆଙ୍କ ଜୀବନଧନ, ଜଗତର ନାଥ ଜଗନ୍ନାଥ । ହିନ୍ଦୁ ଧର୍ମ ଧାରଣାର ସେ ପ୍ରତୀକ । କୌଣସି ସୀମା ସରହଦ ତାଙ୍କ ପାଖରେ ନାହିଁ । ସେ ପ୍ରଭୁ, ସେ ନାଥ, ସେ ପୁଣି ମୁକୁଟ ବିହୀନ ସମ୍ରାଟ । ତାଙ୍କର ହାତ ନାହିଁ କି ପାଦ ନାହିଁ । ହାତ ପାଦ ଥିଲେ ହୁଏତ ସେ ମଣିଷ ପରି ସୀମିତ ହୋଇଯାଇଥାନ୍ତେ । ହାତ ନଥାଇ ସେ ମହାବାହୁ । ବାହୁ ଦୁଇଟି ତାଙ୍କର ସମାନ୍ତରାଳ । କୋଟି କୋଟି ଭକ୍ତ ଜନଙ୍କୁ ଅନନ୍ତ ଆଲିଙ୍ଗନ କରିବା ପାଇଁ ଏହା ଉଦ୍ଦିଷ୍ଟ । ସମଗ୍ର ଜଗତ ତାଙ୍କର ଏବଂ ସେ ସମଗ୍ର ଜଗତର । ଜଗତରେ କେହି ଅନାଥ ହୋଇ ରହିବେନାହିଁ ବୋଲି ସେ 'ଜଗନ୍ନାଥ' । ଭାରତୀୟ ଦର୍ଶନ ଶାସ୍ତ୍ରରେ 'ପୁରୁଷ' ଶବ୍ଦର ଅର୍ଥ 'ଆତ୍ମା' ଓ 'ପରମାତ୍ମା' । ପୁରୁଷ ଶବ୍ଦ ଅମୃତର ପ୍ରତୀକ । ତେଣୁ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ଏବଂ ପୀଠର ନାମ 'ପୁରୁଷୋତ୍ତମକ୍ଷେତ୍ର' କୁହାଯାଏ ।

ବିଶ୍ୱର କୋଣେ ଅନୁକୋଣେ ଥିବା ଯେ କୌଣସି ମନ୍ଦିରକୁ ଗଲେ ଦେଖିବାକୁ ମିଳେ ଦେବା ଦେବୀଙ୍କ ପ୍ରତୀମା ପ୍ରାୟତଃ ପ୍ରସ୍ତର କିମ୍ବା ଧାତୁରେ ନିର୍ମିତ । ଏକମାତ୍ର ମନ୍ଦିର ଜଗନ୍ନାଥ ମନ୍ଦିରକୁ ଗଲେ ଦେଖିବାକୁ ମିଳେ ଚତୁର୍ଦ୍ଧାମୂର୍ତି ଦାରୁରେ ନିର୍ମିତ । ଏହାର ଐତିହାସିକ ତର୍ଜମାରୁ ସ୍ପଷ୍ଟ ଯେ ଶବର ବା ଦ୍ରାବିଡ଼ ମାନେ ଦାରୁ ଉପାସନା କରୁଥିଲେ । ଜଗନ୍ନାଥ ଉପାସନା ଦାରୁ ଉପାସନା ମୂଳକ ହୋଇଥିବାରୁ ଶ୍ରୀଜଗନ୍ନାଥ ଶବର ଦେବତା ବୋଲି ପ୍ରମାଣିତ । ଜାରା ଶବର ଦ୍ୱାରା ଶ୍ରୀକୃଷ୍ଣ ଶରବିଦ୍ଧ ହେବା, ଅର୍ଜୁନଙ୍କ ଦ୍ୱାରା ଅଗୁରୁ ବୃକ୍ଷର ଚିତାରେ ପୋଡ଼ିବା, ଅପୋଡ଼ା ପିଣ୍ଡକୁ ସମୁଦ୍ରରେ ଭସାଇବା, ଜାରା ବିଷ୍ଣୁ ପ୍ରତୀମାକୁ ନେଇ ଧଉଳି ପର୍ବତରେ ଅଗୁରୁ ବୃକ୍ଷ ମୂଳେ ପୂଜା କରିବା, କାଂଚିର ବିଷ୍ଣୁଭକ୍ତ ରାଜା ଗାଲମାଧବ ଶବର ପଲ୍ଲୀକୁ ଯିବା ଓ ପ୍ରତିମା ନପାଇ ଶବର ମାନଙ୍କୁ ହତ୍ୟା କରିବା, ଭଗବାନଙ୍କ ସ୍ୱପ୍ନାଦେଶରେ ଗାଲମାଧବ ଶବରୀନାରାୟଣଙ୍କୁ ପୂଜା କରିବା, ବିଶ୍ୱାବସୁଙ୍କ ଦ୍ୱାରା ମନ୍ଦିର ନିର୍ମାଣ କରିବା, ରୋହିଣୀ କୁଣ୍ଡରେ ଭଗବାନ ଦାରୁ ରୂପରେ ଦେଖାଦେବା ପ୍ରଭୃତି ତତ୍ୱ ଭିତରେ ଆଦିବାସୀ ମୌଳିକତା ନିହିତ ଅଛି । ଯାହା ମହାଭାରତର 'ମୁଷଳୀପର୍ବ'ରେ ବର୍ଣ୍ଣନା କରାଯାଇଛି ।

ଜଗନ୍ନାଥ ଆଦିବାସୀ ଦେବତା ଭାବରେ ପରିଚିତ । ଆଦିବାସୀ ମାନେ ବୃକ୍ଷ ପୂଜା କରୁଥିଲେ । ଆଦିବାସୀ ମାନଙ୍କର ମୂଳ ଦେବତା 'ଜଗନ୍' ନାମରେ ଖ୍ୟାତ । ଏହି ଜଗନ୍ ଶବ୍ଦରୁ 'ଜଗନ୍ନାଥ' ଶବ୍ଦର ସୃଷ୍ଟି ହୋଇଥିବା ଅନୁମାନ କରାଯାଏ । ଅନ୍ୟ ଅର୍ଥରେ ଶବର ଦେବତାଙ୍କୁ 'ଜୟନ୍ତ' କୁହାଯାଉଥିଲା । ଏହା ସହିତ 'ନାଥ' ଶବ୍ଦ ଯୋଡ଼ି 'ଜୟନ୍ତନାଥ' ନାମ ଓ ପରେ ଏହା 'ଜଗନ୍ନାଥ' ନାମରେ ପରିଣତ ହୋଇଥିବା କୁହାଯାଏ । ଜୈନ ଓ ବୌଦ୍ଧ ସଂସ୍କୃତିରୁ ଏହା ସ୍ପଷ୍ଟ ଯେ 'ଜଗନ୍ନାଥ' ଶବ୍ଦର 'ନାଥ' ଶବ୍ଦଟି ଜୈନ ଶବ୍ଦରୁ ଆନୀତ । ବୌଦ୍ଧ ଧର୍ମର ତ୍ରିରତ୍ନ ବୁଦ୍ଧ-ଧର୍ମ-ସଂଘ ଶବ୍ଦରୁ ତିନିମୂର୍ତ୍ତିର ପରିକଳ୍ପନା ହୋଇଥିଲା । ଯଥା - କାକେରୀପେନୁ (ଜଗନ୍ନାଥ), ମୁରବୀ ପେନୁ (ବଳଭଦ୍ର) ଓ ତାନାପେନୁ(ସୁଭଦ୍ରା) ପ୍ରଭୃତି ସୂଚିତ କରିଥାଏ । ଶ୍ରୀଜଗନ୍ନାଥ ମନ୍ଦିର ସମସ୍ତ ହିନ୍ଦୁଧର୍ମାବଲମ୍ବି ମାନଙ୍କର ସମନ୍ୱୟର କ୍ଷେତ୍ର । ବିଭିନ୍ନ ସମୟରେ ତାନ୍ତ୍ରିକ, ଶୈବ, ବୈଷ୍ଣବ ମତବାଦର ପ୍ରଚାର ଏହି ସଂସ୍କୃତି ମଧ୍ୟରୁ ଦେଖିବାକୁ ମିଳେ । ଜଗନ୍ନାଥ 'ବୁଦ୍ଧ', 'କୃଷ୍ଣ', 'ନାରାୟଣ' ଓ 'ଜୀନନାଥ' ନାମରେ ନାମିତ । ଶଙ୍କରାଚାର୍ଯ୍ୟ ପ୍ରଥମେ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ନାମରେ ନାମିତ କରିଥିଲେ ।

ଜଗନ୍ନାଥହିଁ ଶବର ଦେବତା । ଶବର ରାଜା ବିଶ୍ୱାବସୁ ନୀଳପର୍ବତ ଉପରେ ଦାରୁବ୍ରହ୍ମ ରୂପରେ ପୂଜା କରୁଥିଲେ । ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ଜଗନ୍ନାଥଙ୍କ ସନ୍ଧାନ ନିମନ୍ତେ ଚତୁର୍ଦ୍ଦିଗକୁ ମନ୍ତ୍ରୀ ମାନଙ୍କୁ ପ୍ରେରଣ କରିଥିଲେ । ସେମାନଙ୍କ ମଧ୍ୟରୁ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ବିଦ୍ୟାପତିଙ୍କୁ ନୀଳପର୍ବତର ବିଶ୍ୱାବସୁ ଶବର ରାଜ୍ୟକୁ ପଠାଇଥିଲେ । ବହୁବର୍ଷଧରି ଅନୁଧ୍ୟାନ କରିବା ପରେ ବିଦ୍ୟାପତି ଜଗନ୍ନାଥଙ୍କ ସନ୍ଧାନ ପାଇପାରିନଥିଲେ । ପରେ ପରେ ଘଂଚ ଜଙ୍ଗଲ ମଧ୍ୟରେ ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କ ସହିତ ସାକ୍ଷାତ ଓ ପ୍ରେମପାଶରେ ଆବଦ୍ଧ ହେଲେ । ପିତା ବିଶ୍ୱାବସୁ ସବୁଦିନ ସକାଳେ ଫୁଲଚନ୍ଦନ ନେଇ କେଉଁଠାକୁ ଯାଉଛନ୍ତି ବୋଲି ଲଳିତାଙ୍କୁ ପ୍ରଶ୍ନ କରନ୍ତେ ନୀଳମାଧବଙ୍କ ସମ୍ପର୍କରେ ସମ୍ୟକ ସୂଚନା ପାଇଥିଲେ । ମନତାଙ୍କର ବ୍ୟଗ୍ର ହୋଇ ଉଠିଲା କିପରି ସେ ନୀଳମାଧବଙ୍କୁ ଦର୍ଶନ କରିବେ ? ଏଥିପାଇଁ ସେ ଶବର କନ୍ୟା ଲଳିତାଙ୍କୁ ବିବାହ ମଧ୍ୟ କଲେ । ଲଳିତା ନୀଳମାଧବଙ୍କୁ ଦର୍ଶନ କରାଇନଦେବା ପାଇଁ ବାରମ୍ବାର ମନାକଲେ । ଶେଷରେ ସର୍ତଅନୁସାରେ ଆଖିରେ ଅନ୍ଧପୁଟୁଳି ବାନ୍ଧି ବିଦ୍ୟାପତିଙ୍କୁ ରାଜା ବିଶ୍ୱାବସୁ ନୀଳମାଧବଙ୍କ ଦର୍ଶନ ନିମନ୍ତେ ନେଇଯାଇଥିଲେ । ମାତ୍ର କୁଶଳୀମନ୍ତ୍ରୀ ବିଦ୍ୟାପତି ଲୁଗାକାନିରେ ସୋରିଷ ବାନ୍ଧି ରାସ୍ତାରେ ଯିବା ସମୟରେ ବୁଣି ବୁଣି ଗଲେ ଏବଂ ବର୍ଷାଦିନ ପରେ ବିଦ୍ୟାପତି ନୀଳମାଧବଙ୍କ ସନ୍ଧାନରେ ସମର୍ଥ ହେଲେ । ସେ ଫେରିଯାଇ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସବୁକଥା କହିଲେ ଓ ରାଜା ଇନ୍ଦ୍ରଦ୍ୟୁମ୍ନ ସଦଳବଳେ ନୀଳକନ୍ଦରକୁ ଯାତ୍ରା କଲେ । ମାତ୍ର ରାଜା ପହଂଚିବା ବେଳକୁ ନୀଳମାଧବ ଗୁମ୍ଫାଂମଧ୍ୟରୁ ଉଭାନ ହୋଇ ଯାଇଥିଲେ । ଶେଷରେ ନୀଳମାଧବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ହୋଇ କହିଲେ - "ହେ ରାଜା ! ନିରାଶ ହୁଅନାହିଁ । ପୁରୀର ସମୁଦ୍ର କୂଳରେ ତିନିଖଣ୍ଡ ଭାସମାନ ଦାରୁକୁ ଆଣି ସେଥିରେ ବିଗ୍ରହ ନିର୍ମାଣ କରିବ ।" ରାଜା ତଦନୁସାରେ ସମୁଦ୍ର କୂଳକୁ ଯାଇ ଦାରୁ ଗୁଡ଼ିକୁ ଆଣି ବିଗ୍ରହ ନିର୍ମାଣ କରିବାକୁ ମନସ୍ଥ କଲେ । ମାତ୍ର ଦାରୁରୁ ଦିଅଁ ତିଆରି କରିବ କିଏ ? ରାଜାଙ୍କ ମନସ୍କାମନା ପୂରଣ କରିବା ପାଇଁ ବିଶ୍ୱକର୍ମା ବୃଦ୍ଧ ବେଶରେ ଉପସ୍ଥିତ ହୋଇ ମୂର୍ତି ନିର୍ମାଣ କରିଦେବାର ପ୍ରତିଶୃତି ଦେଲେ ଓ ସର୍ତ ରଖିଲେ - "ଏକୋଇଶ ଦିନ ପର୍ଯ୍ୟନ୍ତ କେହି ଦ୍ୱାର ଖୋଲିବେ ନାହିଁ ।" ରାଜା ସମ୍ମତି ଦେଲେ । ମୂର୍ତିଗଢ଼ା କାର୍ଯ୍ୟ ଆରମ୍ଭ ହେଲା । ରୁଦ୍ଧ କୋଠରୀ ଭିତରୁ ତେରଦିନ ପର୍ଯ୍ୟନ୍ତ ଠକ୍ ଠକ୍ ଶବ୍ଦ ଶୁଭୁଥିଲା ମାତ୍ର ଚଉଦ ଦିନ ଠାରୁ ଗୃହ ଭିତରୁ ଆଉ ଶବ୍ଦ ଶୁଭିଲା ନାହିଁ । ରାଣୀ ଗୁଣ୍ଡିଚା ବ୍ୟସ୍ତ ହୋଇପଡ଼ିଲେ ଓ ରାଜାଙ୍କୁ ଦ୍ୱାର ଖୋଲି ସତ୍ୟାସତ୍ୟ ପରଖିବାକୁ ଅନୁରୋଧ କଲେ । ରାଜା ରାଣୀଙ୍କ କଥା ରକ୍ଷା କରିବାକୁ ଯାଇ ଦ୍ୱାର ଖୋଲିଦେବାରୁ ରତ୍ନସିଂହାସନ ଉପରେ ଅଧାଗଢ଼ା ତିନିଦିଅଁକୁ ଦେଖିଲେ । ବଢ଼େଇ ନାହିଁ । ରାଜା ଇନ୍ଦ୍ରଦ୍ୟୁମ୍ନ ବିଧି ମୁତାବକ ଏହି ତିନି ଦିଅଁକୁ ଗୁଣ୍ଡିଚା ଘରେ ପ୍ରତିଷ୍ଠା କରି ପୂଜା ଆରମ୍ଭ କଲେ । ପରେ ପରେ ଏହି ତିନି ଠାକୁର ନୀଳଗିରି ଠାରେ ମନ୍ଦିର ନିର୍ମାଣ ହେବା ପରେ ତିନି ଠାକୁରଙ୍କୁ ସେଠାକୁ ନେଇଥିଲେ । ଏହା ମାଦଳାପାଞ୍ଜି, କପିଳସଂହିତା ଓ ଅନ୍ୟାନ୍ୟ ପୁରାଣ ମାନଙ୍କରେ ବର୍ଣ୍ଣନା କରାଯାଇଛି ।

ଶ୍ରୀଜଗନ୍ନାଥ ମନ୍ଦିର ଶିଳ୍ପଶାସ୍ତ୍ର ଅନୁଯାୟୀ ନିର୍ମିତ । ବ୍ରହ୍ମାଙ୍କ ପୁତ୍ର ବିଶ୍ୱକର୍ମା ଶିଳ୍ପଶାସ୍ତ୍ରର ରଚୟିତା । ତିନିମୂର୍ତିଙ୍କ ପୂଜାଆରାଧନା ନିମନ୍ତେ ମାଳବ ଦେଶର ରାଜା ଇନ୍ଦ୍ରଦ୍ୟୁମ୍ନ ଖ୍ରୀଷ୍ଟପୂର୍ବ ୪୮୪ରେ ଏକହଜାର ଫୁଟ ଉଚ୍ଚତା ବିଶିଷ୍ଟ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ଏହା ଅଳ୍ପଦିନ ମଧ୍ୟରେ ଭାଙ୍ଗିପଡ଼ିଥିଲା । ଏହାପରେ ୮୨୪ ଖ୍ରୀଅରେ ରାଜା ଯଯାତିକେଶରୀ ଆଉ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ । ଏହାମଧ୍ୟ ବେଶିଦିନ ରହିପାରିନଥିଲା । ୧୧୦୦ ଖ୍ରୀଅରେ ଚୋଡ଼ଗଙ୍ଗଦେବ ପୁଣି ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କଲେ । ଏହାକୁ ତାଙ୍କର ନାତି ଅନଙ୍ଗଭୀମଦେବ ୧୧୪୩ ମସିହାରେ ପ୍ରତିଷ୍ଠା କରି ତିନି ଦିଅଁଙ୍କୁ ପୂଜା କରିଥିଲେ । ଯେଉଁ ମନ୍ଦିରର ଉଚ୍ଚତା ୨୧୪ ଫୁଟ ୮ ଇଂଚ ବା ୨୧୫ ଫୁଟ ବୋଲି କୁହାଯାଏ । ଯେଉଁ ମନ୍ଦିରକୁ ଏବେ ଆମେ ଦର୍ଶନ କରୁଅଛୁ । ଏହି ମନ୍ଦିର ଉଭୟ ଉତ୍ତର ଓ ଦକ୍ଷିଣଭାରତୀୟ ଶିଳ୍ପଚାତୁର୍ଯ୍ୟରେ ଗଢ଼ା ହୋଇଛି । ଜଗନ୍ନାଥଙ୍କ ପୂଜାବିଧି ସ୍ୱତନ୍ତ୍ର । (୧) ଜଗନ୍ନାଥ ରତ୍ନବେଦିରେ ଥିବା ସମୟରେ ବିଷ୍ଣୁ ବା ନାରାୟଣ ମନ୍ତ୍ରରେ ପୂଜିତ ହୁଅନ୍ତି । (୨) ସ୍ନାନ ମଣ୍ଡପରେ ଥିବା ସମୟରେ ଗଣେଶ ମନ୍ତ୍ରରେ ପୂଜିତ ହୋଇଥାନ୍ତି ଏବଂ ସ୍ନାନ ମଣ୍ଡପକୁ ଧାଡ଼ି ପହଣ୍ଡି ବିଜେ କରିଥାନ୍ତି । (୩) ନବକଳେବର ସମୟରେ ଜଗନ୍ନାଥଙ୍କୁ ରୁଦ୍ର/ଶିବଙ୍କ ପ୍ରତୀକ ମନ୍ତ୍ରରେ ପୂଜା କରାଯାଏ । (୪) ସାୟାଣଯାତ୍ରା ସମୟରେ ଜଗନ୍ନାଥଙ୍କୁ ଦୁର୍ଗାମନ୍ତ୍ରରେ ପୂଜା କରାଯାଏ । (୫) ରଥଯାତ୍ରାରେ ରଥ ଉପରେ ଥିବା ସମୟରେ ଜଗନ୍ନାଥ ସୂର୍ଯ୍ୟମନ୍ତ୍ରରେ ପୂଜା ପାଆନ୍ତି । ହିନ୍ଦୁ ଧର୍ମର ସେ ପରମ ପୂଜ୍ୟ ଦେବତା ହେଲେ ମଧ୍ୟ ସବୁ ଧର୍ମର ପ୍ରତୀକ ଦେବତା ଭାବରେ ସେ ପୂଜିତ । (୬) ହେରାପଂଚମୀରେ ଲକ୍ଷ୍ମୀ ଜଗନ୍ନାଥଙ୍କ ମହିଷୀ ଭାବରେ ପୂଜିତା ହୁଅନ୍ତି ।

ହିନ୍ଦୁଶାସ୍ତ୍ର ମତେ ହିନ୍ଦୁ ଧର୍ମର ଚାରିଧାମର ବର୍ଣ୍ଣନା ରହିଛି । ଯଥା - ବଦ୍ରିକାଧାମ, ଦ୍ୱାରିକାଧାମ, ଜଗନ୍ନାଥଧାମ ଓ ରାମେଶ୍ୱର ଧାମ । ମୋକ୍ଷଲାଭ କରିବା ପାଇଁ ହିନ୍ଦୁ ମାନେ ତୀର୍ଥଯାତ୍ରା କରିଥାନ୍ତି । ଚାରିଧାମ ମଧ୍ୟରୁ ଜଗନ୍ନାଥ ଧାମ ସର୍ବଶ୍ରେଷ୍ଠ ଏବଂ ସର୍ବଶେଷଧାମ ଭାବରେ ଗୃହିତ । ତିନିଧାମ ଦର୍ଶନ କରିବା ପରେ ପୁରୀଧାମ ଦର୍ଶନ ନକଲେ ପୁଣ୍ୟ ମିଳେନାହିଁ । ସେହି ପ୍ରସିଦ୍ଧ ପୁରୁଷୋତ୍ତମ କ୍ଷେତ୍ରର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥ ସର୍ବଧର୍ମ ସମନ୍ୱୟର ଦେବତା ଭାବରେ ସମାନ୍ତରାଳ ହସ୍ତଦ୍ୱୟକୁ ଧାରଣ କରି ସମନ୍ୱୟର ସ୍ୱାଗତିକା ବାର୍ତା ପ୍ରଚାର ଓ ପ୍ରସାର କରିଚାଲିଛନ୍ତି । ଅତଏବ ଜଗନ୍ନାଥହିଁ ଓଡ଼ିଶାର ସକଳ ବିଭାବର ପ୍ରାଣକେନ୍ଦ୍ର । ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଓ ଜଗନ୍ନାଥଙ୍କ ପାଇଁ ଆଜି ବିଶ୍ୱବିଦିତ ।


ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା,
ମୟୂରଭଞ୍ଜ
ମୋ:୯୯୩୭୧୫୧୩୧୦


# ଆଧୁନିକ ଭାରତ ଗଠନରେ ରାଜା ରାମମୋହନଙ୍କ ସ୍ୱପ୍ନ



**ଡକ୍ଟର ଲକ୍ଷ୍ମଣ ସାହୁ**

ସମ୍ପ୍ରତି ଭାରତୀୟ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ବିଭିନ୍ନ ପରିବର୍ତ୍ତନ ହୋଇଛି । ଏବିଷୟରେ ମଧ୍ୟ ଅନେକ ଆଗରୁ ଯଥେଷ୍ଟ ଆଲୋଚନା ଓ ବିତର୍କ ହୋଇସାରିଛି । ତଥାପି ଯାହାଙ୍କ ବିନା ଆଧୁନିକ ଭାରତ କଳ୍ପନାଯୋଗ୍ୟ ହୋଇପାରିନଥାନ୍ତା, ସେହି ବ୍ୟକ୍ତିଙ୍କ କାହାଣୀ ପାଠ୍ୟକ୍ରମରେ ସାମିଲ କରାଯାଇଛି କି ନାହିଁ ସେ ସମ୍ପର୍କରେ ସାମାନ୍ୟତମ ସୂଚନା ଅକଥିତ ରହିଛି । ସେ ଥିଲେ ରାଜା ରାମମୋହନ ରାୟ, ଯିଏ ପ୍ରଥମେ ତାଙ୍କ କାର୍ଯ୍ୟ ଦକ୍ଷତା ସହିତ ତତ୍କାଳୀନ ପରାଧୀନ ଅଖଣ୍ଡ ଭାରତରେ ନବଜାଗରଣର ଜୁଆର ଆଣିଥିଲେ । ଯାହା ଯୋଗୁଁ ଆଜିର ଭାରତ ବିଶ୍ୱ ଦରବାରରେ ମୁଣ୍ଡଟେକି ସ୍ୱତନ୍ତ୍ର ସ୍ଥାନରେ ଠିଆ ହୋଇପାରିଛି । ତତ୍କାଳୀନ ଅଖଣ୍ଡ ଭାରତରୁ ବିଭାଜିତ ପାକିସ୍ତାନ ଓ ବାଂଲାଦେଶ ପାଇଁ ଏହାକୁ ନୂତନ ଭାବରେ ଶିଖିବାର ସମୟ ଆସିଛି ।

୧୭୭୨ ସଂସ୍କରଣ ଅନୁଯାୟୀ ରାଜା ରାମମୋହନ ରାୟ ୧୭୭୪ମଇ ୨୨ରେ ଜନ୍ମଗ୍ରହଣ କରିଥିଲେ । ଯାହା କିଛି ବର୍ଷ ପୂର୍ବରୁ ଇଂରେଜମାନେ ଅବିଭକ୍ତ ଭାରତରେ ପଲାସି ଯୁଦ୍ଧ ଜିତି କୂଟନୈତିକ ଭାବରେ ଦେଶରେ ପ୍ରବେଶ କରିଥିଲେ ଓ ନିଜ ହାତରେ କ୍ଷମତା ଦଖଲ କରିଥିଲେ । ଧୀରେ ଧୀରେ ଯେତେବେଳେ ବ୍ରିଟିଶମାନେ ଉଚ୍ଚବର୍ଗର ଭାରତୀୟଙ୍କ ମାଧ୍ୟମରେ ନିମ୍ନ ବର୍ଗକୁ ଚାପି ସେମାନଙ୍କର ଶାସନ ବିସ୍ତାର କଲେ , କାରଣ ସେତେବେଳେ ମଧ୍ୟଯୁଗୀୟ ଭାରତରେ ଅନ୍ଧ ବିଶ୍ୱାସ , କୁସଂସ୍କାର , ବାଲ୍ୟ ବିବାହ ଅଧିକ ମାତ୍ରାରେ ପ୍ରଚଳିତ ହୋଇଥିଲା । ସତୀ ପ୍ରଥା ଓ ବହୁବିବାହର କୁତ୍ସିତ ପ୍ରଥା ଯୋଗୁଁ, ସମସ୍ତ ସ୍ତରରେ ନାରୀଙ୍କ ଅସ୍ତିତ୍ୱ କେବଳ ଏକ ଖେଳଣାରେ ପରିଣତ ହୋଇଥିଲା ।

ତଥାପି ସମୟର ଅବେଳରେ ସମଗ୍ର ଭାରତ ଓ ବାହ୍ୟ ବିଶ୍ୱକୁ ଆଧୁନିକତାର ଆଲୋକ ଦେଖାଇପାରିଥିବା ଶିକ୍ଷା କେବଳ ଏସବୁ ପରିବର୍ତ୍ତନ ନିମନ୍ତେ ମାର୍ଗ ଦର୍ଶାଇଥିଲା । ଯାହା ଫଳରେ ରାଜା ରାମମୋହନ ପରାଧୀନ ଭାରତରେ ସେହି ଆଧୁନିକତାର ଆଲୋକ ପ୍ରଜ୍ୱଳିତ କରିବା ଆରମ୍ଭ କରିଥିଲେ । ସେ ନିଜେ ପିଲାବେଳେ ନନ୍ଦକୁମାର ବିଦ୍ୟାଳୟରୁ ତାଙ୍କର ସଂସ୍କୃତ ଶିକ୍ଷା ସମାପ୍ତ କରିଥିଲେ। କିଶୋର ଅବସ୍ଥାରେ ଘର ଛାଡି ପାରସିକ ଓ ଆରବୀ ଭାଷା ଶିଖିବା ପାଇଁ ପାଟନା ଆସିଥିଲେ । ସେସମୟରେ ସେ ଆରବି ମାଧ୍ୟମରେ ଗ୍ରୀକ୍ ଜ୍ୟାମିତି ଓ ନୀତିଶାସ୍ତ୍ର ଅଧ୍ୟୟନ କରିଥିଲେ । ସେ କାଶୀ ଯାଇ ସଂସ୍କୃତ ଭାଷା ଓ ହିନ୍ଦୁ ଶାସ୍ତ୍ର ଅଧ୍ୟୟନ କରିଥିଲେ । ସେ ବେଦାନ୍ତ ଓ ଉପନିଷଦ ଶିକ୍ଷାରେ ନିବିଡ଼ ହୋଇଯାଇଥିଲେ । ଯେତେବେଳେ ସେ ବ୍ରାହ୍ମଣବାଦ ଓ ମୌଳବାଦର ମତବାଦ ବିରୁଦ୍ଧରେ କହିବା ଆରମ୍ଭ କଲେ ସେତେବେଳେ ଅନେକଙ୍କ ନିକଟରେ ଲୋକପ୍ରିୟ ହୋଇଗଲେ । କିନ୍ତୁ ଅନେକ ତାଙ୍କୁ ଭୁଲ୍ ବୁଝିଥିଲେ । ବିଶେଷ ଭାବରେ ସେ ଅନ୍ଧବିଶ୍ୱାସର ମତବାଦକୁ ଅନୁଭବ କଲେ ଓ ବୁଝିଥିଲେ ଯେ ସମଗ୍ର ଭାରତ ପାଇଁ ବାହ୍ୟ ଜଗତ ସହିତ ଯୋଗାଯୋଗର ଏକ ମାଧ୍ୟମ ରହିବା ଆବଶ୍ୟକ । ତେଣୁ ସେ ପ୍ରଥମେ ଏକ ଖବରକାଗଜର ସମ୍ପୂର୍ଣ୍ଣ ଆବଶ୍ୟକତା ଅନୁଭବ କଲେ ଓ ୧୮୦୩ ମସିହାରେ ସେ ତତ୍କାଳୀନ ପାରସୀ ଭାଷାରେ ଖବର କାଗଜ ପ୍ରକାଶ କରିଥିଲେ ।

ସେ ସମାଜର ଅବହେଳିତ ଲୋକଙ୍କୁ ଚିତ୍ରଣ କରି ପ୍ରଥମ ଖବରକାଗଜ 'ତାହାଫତ-ଉଲ-ହୁଓ୍ୱାହିଦ୍ଦୀନ' ବା 'ଏକେଶ୍ୱରବାଦୀଙ୍କ ପାଇଁ ଉପହାର' ପ୍ରକାଶ କରିଥିଲେ । ତା'ପରେ ୧୮୨୧ ଡିସେମ୍ବର ୪ ରୁ ପ୍ରକାଶିତ ସାପ୍ତାହିକ 'ସମ୍ବାଦ କୌମୁଦୀ' ରାମମୋହନ ରାୟଙ୍କ ଦ୍ୱିତୀୟ ସମ୍ବାଦପତ୍ର ଥିଲା, ଯାହା ମାଧ୍ୟମରେ ସେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସେ ଗଣମାଧ୍ୟମକୁ ସମ୍ବାଦପତ୍ର ଜଗତରେ ପ୍ରବେଶ କରିଥିଲେ । ଯଦିଓ ଏହି ଖବରକାଗଜ ସେତେବେଳର ରଢ଼ିବାଦୀ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସଂସ୍କାର ସପକ୍ଷରେ ଲେଖିବାକୁ ସଂକୋଚ ବା କୁଣ୍ଠାବୋଧ କରୁଥିଲା । ତଥାପି ଜନମତ ଗଠନ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲା । କିନ୍ତୁ ପ୍ରଚଳିତ ଧାର୍ମିକ ପ୍ରଥା, ବିଶେଷକରି ସତୀ ପ୍ରଥା ବିରୁଦ୍ଧରେ ଲେଖା ଯୋଗୁଁ 'ସମ୍ବାଦ କୌମୁଦୀ'ର ଲୋକପ୍ରିୟତା ଧୀରେ ଧୀରେ ହ୍ରାସ ପାଇଲା, ଏହାର ପ୍ରସାର ମଧ୍ୟ ହ୍ରାସ ପାଇଲା । ଅନ୍ଧ ବିଶ୍ୱାସ କୁସଂସ୍କାର ଭିତରେ ଗତି କରୁଥିବା ପୁରୁଣା କାଳିଆ ବ୍ୟକ୍ତି ମାନେ ସହଜରେ ରାଜା ରାମମୋହନଙ୍କ ଆଦର୍ଶ, ସଂସ୍କାର ପ୍ରତି ମୁହଁ ମୋଡ଼ି ଥିଲେ । ଫଳସ୍ୱରୂପ, ୧୮୩୪ ମସିହାରେ ପତ୍ରିକାଟି ବନ୍ଦ ହୋଇଗଲା ।

ଏହା ପରେ ୧୮୨୨ ମସିହାରୁ ରାମମୋହନଙ୍କ ତୃତୀୟ ଖବରକାଗଜ, 'ମିରାତ-ଉଲ-ଆଖବର' କିମ୍ବା 'ସମୟର ଦର୍ପଣ', ପ୍ରତି ଶୁକ୍ରବାର ପ୍ରକାଶିତ ହେଉଥିଲା । ଯାହା ସମଗ୍ର ଭାରତରେ ସାଧାରଣ ଲୋକଙ୍କ ପ୍ରକୃତ ବାସ୍ତବ ଅବସ୍ଥାକୁ ଆଲୋକପାତ କରୁଥିଲା । ଯାହା ଦ୍ୱାରା ଶିକ୍ଷିତ ସମାଜ ଦେଶର ଲୋକଙ୍କୁ ବୁଝିବା, ସଚେତନ କରିବାପାଇଁ ଆଗକୁ ଆସିପାରିବେ , ଖବର କାଗଜରେ ଏଥିପ୍ରତି ଧ୍ୟାନ ଦିଆଯାଉଥିଲା । ଏସବୁ ସତ୍ତ୍ୱେ ରାଜା ଲରାମମୋହନ ରାୟଙ୍କ ଦ୍ୱାରା ପ୍ରକାଶିତ ଅନ୍ୟ ଦୁଇଟି ଖବରକାଗଜ ଥିଲା 'ଜନ-ଏ-ଜହାପନାମା' ଯାହା ଉର୍ଦ୍ଦୁ ଓ ପାରସିକ ଭାଷାରେ ପ୍ରକାଶିତ ହେଉଥିଲା । ସେସମୟରେ ଆଉ ମଧ୍ୟ 'ବେଙ୍ଗଲ୍ ହେରାଲ୍ଡ' ଯାହା ୪ଟି ଭାଷାରେ ପ୍ରକାଶିତ ହେଉଥିଲା । ୧୩ ବର୍ଷର ନିରନ୍ତର ପ୍ରକାଶନ ପରେ ଓ ବ୍ରିଟିଶ ସରକାରଙ୍କ ସମୟରେ ଏସବୁ ଜନ ସଂପର୍କରେ ବେଶ୍ ଆଦୃତ ଥିଲା ।

ଯଦିଓ ରାମମୋହନ ରାୟ ଖବରକାଗଜ ଉପରେ ସେନ୍ସରସିପ୍ ଲାଗୁ ହେବା ଯୋଗୁଁ, ସେ ପରେ ଗୋଟିଏ ସମୟରେ ଖବରକାଗଜ ବନ୍ଦ କରିଦେଇଥିଲେ । ସେ ଜୀବନସାରା ପ୍ରେସ୍ ସ୍ୱାଧୀନତା ପାଇଁ ସ୍ୱର ଉଠାଇଥିଲେ । ତାଙ୍କ ନେତୃତ୍ୱରେ ତେସେତେବେଳର ଭାରତୀୟ ଓ ୟୁରୋପୀୟ ସମ୍ପାଦକଙ୍କ ଚାପରେ ଲର୍ଡ ୱିଲିୟମ୍ ବେଣ୍ଟିଙ୍କ୍ ପ୍ରଚଳିତ ଖବରକାଗଜ ଆଇନକୁ ଶିଥିଳ କରିବାକୁ ବାଧ୍ୟ ହୋଇଥିଲେ । ୧୮୨୩ ମସିହାରେ ଗୃହୀତ ବଙ୍ଗ ପ୍ରସ୍ତାବ ପରେ, ଗଭର୍ଣ୍ଣର ଜେନେରାଲ ଜନ୍ ଆଡାମ ମଧ୍ୟ ସେହି ବର୍ଷ ମୁଦ୍ରଣ ପାଇଁ ଏକ ଲାଇସେନ୍ସ ବ୍ୟବସ୍ଥା ପ୍ରଚଳନ କରିଥିଲେ ।

ତାଙ୍କର ବହୁମୁଖୀ ଶିକ୍ଷା ଖବରକାଗଜ ପ୍ରକାଶନ ପାଇଁ ତାଙ୍କ କାମକୁ ସହଜ କରିଥିଲା । ଏହା ମଧ୍ୟ ତାଙ୍କୁ ଅନେକ ବିଦ୍ୱାନଙ୍କ ସହ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାରେ ସାହାଯ୍ୟ କରିପାରିଥିଲା । ଫଳସ୍ୱରୂପ ସେ ସମୟରେ କିଛି ପ୍ରସିଦ୍ଧ ସ୍କୁଲ ଓ କଲେଜ ପ୍ରତିଷ୍ଠିତ ହୋଇଥିଲା । ସେ ନିଜେ ମାତୃଭାଷାକୁ ସରଳ ଓ ସହଜ ଭାବରେ ସମୃଦ୍ଧ କରିବା ପାଇଁ ବଙ୍ଗଳା ଗଦ୍ୟର ପ୍ରଚଳନ ଆରମ୍ଭ କରିଥିଲେ । ଖବର କାଗଜ ଯାହା ମୂଳତଃ ସତୀ ପ୍ରଥା ବିରୁଦ୍ଧରେ ଲଢ଼େଇରେ ତାଙ୍କର ମୁଖ୍ୟ ଅସ୍ତ୍ର ଥିଲା । ଏପରିକି ସେ ସହଜ ବ୍ୟାକରଣ ପ୍ରଚଳନ କରିଥିଲେ, ଯାହା ବଙ୍ଗଳା ଭାଷାର ମୂଳଦୁଆ ଗଠନ କରିଥିଲା । ତତ୍କାଳୀନ ପରାଧୀନ ଭାରତରେ, ସେ ଉପନିବେଶବାଦୀଙ୍କ ସାମାଜିକ ଓ ଜାତୀୟ ସ୍ୱାର୍ଥ ପାଇଁ ଯାହା ସକାରାତ୍ମକ, ଭଲ ଓ ଲାଭଦାୟକ ଥିଲା ତାହାକୁ ତାଙ୍କ ସର୍ବୋତ୍ତମ କ୍ଷମତାରେ ମନ୍ଥନ କରିଥିଲେ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

### ସିନ୍ଦୂର

**ନୀଳମଣି ଚାନ୍ଦ**



ସିନ୍ଦୂର
ଥାଏ ଫରୁଆରେ
ସୀମନ୍ତରେ ଲାଗେ
ଖୁବ୍ ଲାଲ୍
ଅଧିକାର ମାଗେ,
ସମ୍ପର୍କ ଯୋଡ଼ି ଜାଣେ
ଭାଙ୍ଗି ଜାଣେନାହିଁ
ତା ପାଇଁ 'ସଧବା' ଶବ୍ଦ
ଉଚ୍ଚାରିତ
ହୁଏ ନାରୀ ପାଇଁ।

ଦଶ'ରାରେ ସିନ୍ଦୂର ଖେଳ
ଦିଏ ଉନ୍ମାଦନା
ଦେବୀ ବିଦାୟ ତ ନେବେ
ଇଏ ବିଡ଼ମ୍ବନା
ମଖାହେଲେ କୁମାରୀଟି
ବଧୂ ହୋଇଯାଏ
ସିନ୍ଦୂରର ପବିତ୍ରତା
ଯୁଗେ ଯୁଗେ ଥାଏ।

ଏବେ ପହଲଗାମ୍‌ରେ
ଆକ୍ରମଣରେ କିଛି
ସିନ୍ଦୂର ଲିଭିଲା
ଜବାବରେ ଭାରତ
'ଅପରେଶନ ସିନ୍ଦୂର' ରଖିଲା
ଏହା ଏକ ନାମ ନୁହେଁ
ନ୍ୟାୟର ଅଖଣ୍ଡ ପ୍ରତିଜ୍ଞା
ଆତଙ୍କବାଦ ବିରୋଧରେ
ଇଏ ନୂଆ ନୀତି
ଲାଗେ ଏ ଶ୍ରେଷ୍ଠ ସମ୍ମାନ
ସିନ୍ଦୂରର ପ୍ରତି ।


ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭


### ଆର୍ତ୍ତଚିତ୍କାର

**ଶ୍ରୀମତୀ ସୁଲକ୍ଷଣୀ ସାହୁ**



ଏନ୍ତୁଡ଼ି ଶାଳେ ଯେବେ
ଗୁଞ୍ଜରିତହେଲା
କାନ୍ଦଣା ମୋହର,
ଦୁଇ ବାହୁ ପ୍ରସାରି ସ୍ପର୍ଶକଲି ଯେବେ
ଭୂମିକୁ ମୋହର,
'ପୁତ୍ର ହୋଇଛି କି ?' ପ୍ରଶ୍ନରେ
ଛାତି ବିଦାରି ହୁଏ ମୋ ମାଆର।
ଛାତି ବିଦାରି ହୁଏ ମୋ ମାଆର ।
ଘର ଅଗଣା ଯେବେ ଝଂକୃତ ହେଲା
ନାଚକୁଦରେ ମୋହର,

ଅଳି ଅର୍ଦ୍ଦଳି ରତ ଦୁଇ ପାଦ ଶବ୍ଦରେ
ଗାଁ ଦାଣ୍ଡ ହେଲା ଧ୍ୱନିତ,
'ପୁଅଙ୍କ ଭଳି ହେଉ କିଆଁ ?' ପ୍ରଶ୍ନରେ
ସଂଶୟିତହୁଏ ମନ ମୋହର।
ସଂଶୟିତହୁଏ ମନ ମୋହର ।
ବିଦ୍ୟାଳୟକାର୍ଯ୍ୟେ ଯେବେ
ମନୋନିବେଶ ହେଲା
ତତ୍ପରତା ମୋହର,

ମନଯୋଗବଳେ ଗପଗୀତରେ
ଉଦବେଳିତ ହୋଇଉଠିଲା
ମନ ବିଭୋର,
'ଝିଅ ଜନମ ତ ଚୁଲି ମୁଣ୍ଡକୁ, ଏତେ
ପଢୁ କି ପାଇଁ ତୁ ?' ପ୍ରଶ୍ନରେ,

ଶଙ୍କିତହୁଏ ମନ ମୋହର।
ଶଙ୍କିତହୁଏ ମନ ମୋହର ।
ମହାବିଦ୍ୟାଳୟେ ଯେବେ
ବ୍ୟାପ୍ତହେଲା
ଆକାଶ ମୋହର,
ଉଚ୍ଛସିତ ମନ, ଉଚ୍ଛ୍ୱାସ ଆଶେ
ଯେବେ
ବିସ୍ତୃତ ହୁଏ ଗଗନ ପର୍ଯ୍ୟନ୍ତ,

'ଏତେ ହସୁ କିଆଁ, କରୁ କି କିଛି
ଦୁର୍ନାମ ଯାହା', ପ୍ରଶ୍ନରେ
ସଂକୁଚିତ ଅକାରଣେ ମନ ମୋହର।
ସଙ୍କୁଚିତ ଅକାରଣେ ମନ ମୋହର ।
ନିଜ ପରିସରେ, ହୁଏ ଶିକାର,
ମୁଁ ସାରା ଜୀବନ ସଂକୀର୍ଣ୍ଣତାର,
ମନ, ଆତ୍ମା ଆହତ ହୁଏ
ମୋହର, ବାରମ୍ବାର।
ବାରମ୍ବାର ।
ଆର୍ତ୍ତଚିତ୍କାର କରେ ଆଜି ମନ
ମୋହର,
ନକର ଅବିଚାର ମୋ ପ୍ରତି,
ନକର ଅବିଚାର,
କରହେ ଆତ୍ମୀୟଜନ କର ସୁବିଚାର
ନକର ଅତ୍ୟାଚାର ଏହିପ୍ରକାର ।
ନକର ଅତ୍ୟାଚାର ଏହିପ୍ରକାର ।


+ ସହକାରୀ ଶିକ୍ଷୟିତ୍ରୀ, ଗୋପବନ୍ଧୁ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଖରିଆର ରୋଡ।





# କବିତା
ତୁମ ପାଇଁ

## ମହାଦେଶ ଓ ମହାସାଗର

**ସନ୍ତୋଷ କୁମାର ଅଦାବର**

ସାତ ମହାଦେଶ ନାମକୁ ପିଲାଏ
ଶିଖିବା ଗୀତରେ ଗାଇ
ସହଜରେ ମନେ ରହିଥାଏ ଜାଣ
ଆହେ ମୋ' ଭଉଣୀ ଭାଇ ।

ଏସିଆ ଇଉରୋପ ଆଉ ଆଫ୍ରିକା
ଅଷ୍ଟ୍ରେଲିଆ ଆଣ୍ଟାର୍କଟିକା
ଉତ୍ତର ଆମେରିକା ସହିତେ ଅଛି
ସେ ଦକ୍ଷିଣ ଆମେରିକା ।

ପାଞ୍ଚଟି ମହାସାଗର ନାମ ପିଲେ
ଶୁଣ ଦେଇ ମନ କର୍ଣ୍ଣ
ପ୍ରଶାନ୍ତ, ଭାରତ, ଆଟଲାଣ୍ଟିକ ସହ
ଉତ୍ତର ଆଉ ଦକ୍ଷିଣ ।

ବୃହତ୍ତମ ମହାଦେଶଟି ଅଟଇ
ସେ ଏସିଆ ମହାଦେଶ
ଅଷ୍ଟ୍ରେଲିଆ କ୍ଷୁଦ୍ରତମ ମହାଦେଶ
ମନେରଖ ଶିଷ୍ୟା ଶିଷ୍ୟ ।

ବୃହତ୍ତମ ମହାସାଗର ଅଟଇ
ପ୍ରଶାନ୍ତ ମହାସାଗର
ଉତ୍ତର ମହାସାଗର କ୍ଷୁଦ୍ରତମ
ଏ କଥାଟି ହେତୁ କର ।

+ବୀରମହାରାଜପୁର, ସୁବର୍ଣ୍ଣପୁର

## ମିଠା କଥା କହିବା

**ଜୟକୃଷ୍ଣ ସାହୁ**

ମିଠାଇ ଖାଇଲେ ପାଟି ହୁଏ ମିଠା
ଝରେ ନାହିଁ ମିଠାକଥା
ଅନ୍ତର ମଧୁର କରିଲେ ଓଠରୁ
ଆପେ ଝରେ କଥାମିଠା ।

ଭାଷାଟି ମଧୁର କରିଲେ ତୁମର
କିଣିନେବ ଜନ ମନ
ଭାବୁଛକି ବେଶୀ ଧନ ଅରଜିବା
ଅଟଇ ମହତ କାମ ?

ଅନ୍ତର ମଧୁର କରିବା ପାଇଁକି
ହୁଏ ନାହିଁ ଲୋଡ଼ା ଧନ
ଅନ୍ତର ସ୍ୱଭାବେ ହୁଅଇ ମଧୁର
ପବିତ୍ର କରିଲେ ମନ ।

ବ୍ରତ ଉପବାସ ହୁଏ ନାହିଁ ଲୋଡ଼ା
ମନ ପବିତ୍ରତା ପାଇଁ
ଆନ ହିତେ କଥା ଭାବୁଥିଲେ ଯାଏ
ମନଟି ପବିତ୍ର ହୋଇ ।

ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ
ଆନ ସୁଖ ମନାସିବ
ତେବେ ଯାଇ ତୁମ ମନ ଓ ହୃଦୟ
ଉଭୟେ ପବିତ୍ର ହେବ ।

ମନ ସବୁବେଳେ ରହେନାହିଁ ସ୍ଥିର
ସେଥିପାଇଁ ଲୋଡ଼ା ଧ୍ୟାନ
ତପ ଜପ ଧ୍ୟାନ ଧାରଣା କରିଲେ
ସଞ୍ଜମିତ ହୁଏ ମନ ।

ଭଲ ମନଟିଏ ନେଇ,
ସ୍ୱଭାବ ସୁନ୍ଦର ଢଙ୍ଗେ କହି କଥା
ଆନ ମନ ଦ୍ୱୋ ମୋହି ।

କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭.

# ଯେତେବେଳେ ଜଙ୍ଗଲ କଥା କହିଲା

**ସୁବ୍ରତ ମଲିକ**

ବହୁ ଦିନ ପୂର୍ବେ ଯେତେବେଳେ ଭଗବାନ ନୂଆ ନୂଆ ଏ ଦୁନିଆ ତିଆରି କଲେ, ପୃଥିବୀର ଜୀବଜଗତ, ଜଳବାୟୁ ଓ ପରିବେଶ ମଧ୍ୟରେ ଏକ ସୁନ୍ଦର ସନ୍ତୁଳନ ରଖିଥିଲେ । ପରିବେଶ ସବୁଜ ରଙ୍ଗର ପାଟ ଶାଢ଼ୀ ପିନ୍ଧିଥିଲା ।

ନଦୀ ଝରଣା ଆଦି ଜଳ ଉତ୍ସ ଫୁଲେଇ ଭଉଁର ପରି ସବୁବେଳେ ଗୁଣୁଗୁଣୁଉ ଥିଲେ । ଜଙ୍ଗଲକୁ ମାଆର ପଣତକାନି ମନେ କରି ପଶୁପକ୍ଷୀମାନେ ନିଶ୍ଚିତରେ ରହୁଥିଲେ ।

ସିଂହ ନିଜକୁ ଜଙ୍ଗଲର ରାଜା ବୋଲାଉଥିଲା, ମାଙ୍କଡ଼ ଗୁଡ଼ିକ ଏ ଗଛରୁ ସେ ଗଛକୁ ଡେଉଁଥିଲେ, ଝିଣ୍ଟିକା ଘାସ ଉପରେ ନିଜର କଳା କୌଶଳ ଦେଖାଉଥିଲେ । ପକ୍ଷୀମାନେ କିଚିରିମିଚିରି ଶବ୍ଦରେ ଉଦିତ ସୂର୍ଯ୍ୟକୁ ସ୍ୱାଗତ କରୁଥିଲେ । ସେତେବେଳର ଯେଉଁ କିଛି ମଣିଷମାନେ ଥିଲେ, ଜଙ୍ଗଲକୁ ମାଆ ପରି ସମ୍ମାନ ଦେଉଥିଲେ ।

ଆଗକୁ ଆଗକୁ ସମୟ ଗତି କରିବା ସହିତ ସହିତ ଧୀରେ ଧୀରେ ସବୁକିଛି ବଦଳିବାକୁ ଲାଗିଲା । ତା ସହିତ ମଣିଷର ପ୍ରକୃତି ମଧ୍ୟ । ଦୁନିଆ ଉପରେ ନିଜର ଅସ୍ତିତ୍ୱ ଜାହିର ପାଇଁ ମଣିଷ ନିଜର ସଂଖ୍ୟା ଅହେତୁକ ବୃଦ୍ଧି କଲା । ନିଜର ଆବଶ୍ୟକତା ପୂରଣ ପାଇଁ ଶିଳ୍ପ ବିପ୍ଳବ ସୃଷ୍ଟି କଲା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଆଦିର ବହୁଳ ବ୍ୟବହାର କଲା । ଗାଁରେ ଆଉ ନରହି ସେ ସହରରେ ରହିବାକୁ ଅଧିକ ପସନ୍ଦ କଲା । ମଣିଷ ସହରଗୁଡ଼ିକୁ ଆହୁରି ବଡ଼ କରିବାର ଓ ନୂଆ ରୂପଟିଏ ଦେବାର ସ୍ୱପ୍ନ ଦେଖିଲା । ଯେମିତିକି

'ନୂଆ ରାସ୍ତା ନିର୍ମାଣ ହେବ !'

'ନୂଆ କୋଠା ତିଆରି ହେବ !'

'ନୂଆ କାରଖାନା ବସିବ !' ଇତ୍ୟାଦି ଇତ୍ୟାଦି... । ଏଥିପାଇଁ ଅଧିକ ଜାଗାର ଆବଶ୍ୟକତା ଅନୁଭବ କଲା ଓ ଜଙ୍ଗଲକୁ ବୃକ୍ଷଶୂନ୍ୟ କରିବାକୁ ଲାଗିଲା ।

ଗଛଟିଏ ଭୂଇଁରେ ପଡ଼ିବା ସହିତ ତା'ର ପ୍ରତ୍ୟେକ ସ୍ୱପ୍ନ ପୂରଣ ହେବା ଆରମ୍ଭ କଲା । ଜଙ୍ଗଲ ସଙ୍କୁଚିତ ହେବାକୁ ବସିଲା ଏବଂ ଆବାହମାନ କାଳରୁ ରହିଆସୁଥିବା ପଶୁ ପକ୍ଷୀମାନଙ୍କ ଘରଦ୍ୱାର ନଷ୍ଟ ହେବାକୁ ଲାଗିଲା । ଜଳ ଉତ୍ସ ସବୁ ଧୂଳି ଧୂସରତ ହୋଇଗଲା । ତାପମାତ୍ରା ଅହେତୁକ ବୃଦ୍ଧି ହେତୁ ପରିବେଶ ଓ ଜଳବାୟୁର ସନ୍ତୁଳନ ବିଗିଡ଼ିଗଲା । ପକ୍ଷୀସବୁ ଚିନ୍ତିତ ହୋଇପଡ଼ିଲେ,

'ଆମର ବସା କେଉଁଠି ତିଆରି ହେବ ?'

ହାତୀ ଚିନ୍ତିତ ହେଲେ,

'ଯଦି ଗଛ ନ ଥିବ, ତେବେ ଆମେ ଖାଇବୁ କଣ ?' ଏହିପରି ସମସ୍ତ ପଶୁପକ୍ଷୀଙ୍କ ମଧ୍ୟରେ ଭାଳେଣି ପଡିଗଲା ।

ଏ ଆଧୁନିକ ମଣିଷ କିନ୍ତୁ ପଶୁପକ୍ଷୀଙ୍କ କଥା ଶୁଣିଲେ ନାହିଁ । ପଶୁମାନଙ୍କ ରଡ଼ି ଆଉ ପକ୍ଷୀମାନଙ୍କର କିଚିରିମିଚିରି ଶବ୍ଦ ଅପେକ୍ଷା ଜଙ୍ଗଲରେ ମେସିନ ଗୁଡ଼ିକର ଗୁଞ୍ଜରଣ ଅଧିକ ଶୁଭିଲା । ବାସହୀନ, ଭୋକିଲା ତଥା ତୃଷାତୁର ପଶୁପକ୍ଷୀମାନେ ବେସାହାରା ହୋଇ ଏବେ ଗାଁ ଏବଂ ସହର ମୁହାଁ ହେଲେ । ହାତୀ, ବାଘ, ଭାଲୁ, ମାଙ୍କଡ଼, ଆଦି ପଶୁଙ୍କର ଉପସ୍ଥିତି ଦେଖି ମଣିଷମାନେ ଭୟଭୀତ ହେବା ସହିତ 'ଏହି ପ୍ରାଣୀମାନେ ବିପଦପୂର୍ଣ୍ଣ !' ମନେ କଲେ ।

ସେମାନେ ସେମାନଙ୍କୁ ମାରିବା ଆରମ୍ଭ କଲେ, ଘଉଡ଼ାଇ ଦେଲେ, ପିଞ୍ଜରାରେ ବନ୍ଦୀ କରି ରଖିଲେ । କିନ୍ତୁ କେହି ଏ ବିଷୟରେ ଭାବିଲେ ନାହିଁ ଯେ - କିଏ ପ୍ରଥମେ କାହାର ଘର ଛଡ଼ାଇ ନେଲା, ଅନ୍ୟର ଜୀବନରେ କିଏ ହସ୍ତକ୍ଷେପ କଲା ?

ଏହିପରି ବହୁ ବର୍ଷ ବିତିଗଲା । ମଣିଷ ଦାଉରୁ ରକ୍ଷା ପାଇବା ପାଇଁ ପୃଥିବୀ ମଧ୍ୟ ନିଜକୁ ବଦଳାଇ ଦେଲା । ସହିବାରେ ବି ତ ଗୋଟେ ସୀମା ଥାଏ । ଜଳବାୟୁରେ ଏକ ବିରାଟ ପରିବର୍ତ୍ତନ ଆସିଲା । କେଉଁଠି ମରୁଡ଼ି ଥିଲା ତ ଆଉ କେଉଁଠି ତୁଷାରପାତ । କେଉଁଠି ସୁନାମି, କେଉଁଠି ଝଡ଼ ।

ଫସଲ ନଷ୍ଟ ହୋଇଗଲା । ପାଣି ଆଉ ଖାଦ୍ୟ ପାଇଁ ମଣିଷମାନେ ନିଜ ନିଜ ଭିତରେ ଲଢ଼ିବା ଆରମ୍ଭ କରିଦେଲେ । ଦେଖୁ ଦେଖୁ ଏ ଲଢେଇ ସମଗ୍ର ବିଶ୍ୱକୁ ବ୍ୟାପିଗଲା ।

ଯେଉଁ ସହରଗୁଡ଼ିକୁ ମଣିଷ ଏତେ ଶ୍ରଦ୍ଧା ଆଉ ଯତ୍ନ ସହକାରେ ଗଢ଼ିଥିଲା, ଆଧୁନିକ ଅସ୍ତ୍ରଶସ୍ତ୍ରର ପ୍ରୟୋଗ ପ୍ରଥମେ ସେହିଠାରେ ହେଲା । ଧୀରେ ଧୀରେ ତାହା ଗାଁକୁ ମଧ୍ୟ ଗ୍ରାସ କଲା । ଆକାଶକୁ ଛୁଇଁବାର ଭ୍ରମ ସୃଷ୍ଟି କରୁଥିବା ସହରର ସୁଉଚ୍ଚ ଅଟ୍ଟାଳିକାମାନ ନିମିଷକେ ମାଟି କାମୁଡ଼ି ପଡ଼ିଗଲା । ଗାଁଠୁ ସହର ମଶାଣୀର ଭ୍ରମ ସୃଷ୍ଟି କଲା । ନିଜକୁ ସର୍ବ ଶକ୍ତିମାନ ବୋଲାଉଥିବା ମଣିଷ ସ୍ଥାଣୁ ଓ ଅସହାୟ ପାଲଟିଗଲା ।



ଏହା ପରେ ପରିବେଶରେ ବିବର୍ତ୍ତନ ଦେଖାଦେଲା । ଜଙ୍ଗଲରେ କିଛି ନୂଆ ଘଟଣା ଘଟିଲା । ଜଳବାୟୁ ଏବଂ ଜେନେଟିକ୍ ପରିବର୍ତ୍ତନ ପ୍ରାଣୀମାନଙ୍କୁ ଅଧିକ ଶକ୍ତିଶାଳୀ, ବୁଦ୍ଧିମାନ ଏବଂ ସଂଗଠିତ କରିଦେଲା । ଧ୍ୱଂସ୍ୱିଧ୍ୱଂସ୍ତ ଗାଁ ଓ ସହର ଛାଡ଼ି ଯେତେବେଳେ ବଞ୍ଚିଯାଇଥିବା କିଛି ମଣିଷ ଏଥର ଜଙ୍ଗଲରେ ରହିବାକୁ ଆସିଲେ, ପଶୁମାନେ ଏକତ୍ରିତ ହୋଇ କହିଲେ :

'ତୁମେମାନେ ପୂର୍ବ ଥର ଆସି ଆମ ଘର ଦ୍ୱାର ଉଜାଡିଦେଇଥିଲ । ଆମେ ବାଧ ହୋଇ ତୁମେ ଜନବସତି ଆଡ଼େ ଗଲାରୁ ଆମକୁ ଜୀବନରୁ ମାରିବାକୁ ପଛେଇଲ ନାହିଁ । ଏଥର କିନ୍ତୁ ସେମିତି ହେବାକୁ ଦେବୁ ନାହୁଁ । ମାଙ୍କଡ଼ମାନେ ଗଛରୁ ପଥର ଫିଙ୍ଗିଲେ, ହାତୀମାନେ ରାସ୍ତା ଅବରୋଧ କଲେ । ପକ୍ଷୀମାନେ ଆକାଶରୁ ଖବର ପ୍ରସାରଣ କଲେ -

'ମଣିଷ ପୁଣି ଫେରି ଆସିଛି, କିନ୍ତୁ ତା' ପାଇଁ ଏଠି କୌଣସି ସ୍ଥାନ ନାହିଁ !'

ଧୀରେ ଧୀରେ ମଣିଷ ରହିବା ପାଇଁ ପୃଥିବୀରେ ଆଉ କୌଣସି ସ୍ଥାନରେ ଜାଗା ରହିଲା ନାହିଁ । ଖାଦ୍ୟ ଆଉ ଜଳ କଷ୍ଟରେ

ଶେଷ ବ୍ୟକ୍ତି ଜଣକ ମରିବା ପୂର୍ବରୁ ଏତିକି କହିଲେ, 'ଏ ପୃଥିବୀ କେବଳ ମଣିଷଙ୍କ ପାଇଁ ନୁହେଁ, ସମସ୍ତଙ୍କ ପାଇଁ । ଏହି କଥା ବୁଝିବାରେ ଆମେ ଉଣା କରିଦେଲୁ ।'

ଶେଷ ମଣିଷଟି ମରିଯିବା ମାତ୍ରକେ ପୃଥିବୀ ଶାନ୍ତିରେ ନିଃଶ୍ୱାସ ମାରିଲା । ନଦୀଗୁଡ଼ିକ ପୁଣି ବହିବା ଆରମ୍ଭ କଲେ, କାରଣ ପ୍ରଦୂଷିତ କରିବାକୁ ଆଉ କେହି ନଥିଲେ । ଗଛଗୁଡ଼ିକ ପୁଣି ନିର୍ଭୟରେ ବଢ଼ିବା ଆରମ୍ଭ କଲେ, କାରଣ ଆଉ କେହି କାଟିବାକୁ ନଥିଲେ । ପଶୁପକ୍ଷୀମାନେ ସମ୍ମିଳିତ ହୋଇ ଖୁସି ମନାଇଲେ । ପକ୍ଷୀମାନେ ପୁଣି ଗୀତ ଗାଇବା ଆରମ୍ଭ କଲେ, ଏବଂ ଦିନ ବି ରାତି ପରି ନୀରବ ଲାଗିଲା । ପୃଥିବୀକୁ ଚାହିଁ ଈଶ୍ୱର କହୁଥିଲେ -

' ଏ ମଣିଷମାନଙ୍କୁ ତିଆରି କରିବା ମୋ ସୃଷ୍ଟିର ସବୁଠାରୁ ବଡ଼ ଭୁଲ ଥିଲା ।'

+କୋରୁଆ, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬

## ଅଲଣା ଲୁଣିଆ

**ଧ୍ରୁବ ଚରଣ ଘିବେଲା**

ଲବଣର ସ୍ୱାଦ ଲୁଣିଆ ହେଲେ ବି
ଖାଦ୍ୟକୁ କରେ ସ୍ୱାଦିଷ୍ଟ
ଲୁଣ ପରିମାଣ କମ ବେଶି ଥିଲେ
ଖାଦ୍ୟ ସ୍ୱାଦ ହୁଏ ନଷ୍ଟ ।

କମିଲେ ଅଲଣା ଅବା ପାଣିଚିଆ
ଲାଗିଥାଏ ରନ୍ଧାଖାଦ୍ୟ
ଲୁଣ ଅଭାବରୁ ବଢ଼ା ବ୍ୟଞ୍ଜନର
ରହେ ନାହିଁ ଠିକ ସ୍ୱାଦ ।

ଅଧିକ ଲୁଣିଆ ଲାଗେ ପିତାଳିଆ
ଖାଇହୁଏ ନାହିଁ ଜମା
କମ ଲୁଣ ପାଇଁ ଅଲଣା ଲାଗିଲେ
ପାଣିଚିଆ ଲାଗେ ସିନା ।

ଠିକ ପରିମାଣ ଲାଗିଥିଲେ ଲୁଣ
ସେ ବ୍ୟଞ୍ଜନ ସୁଆଦିଆ
ସୁଆଦ ପାଇଁକି ବ୍ୟଞ୍ଜନରେ ଲୁଣ
ଠିକ ପରିମାଣେ ଦିଆ ।

ପଖାଳ ସୁଆଦ ଲାଗଇ ସୁଖଦ
ମିଶିରହିଥିଲେ ଲୁଣ
ଲୁଣ ନଥିଲେ କି ଅସୁଖ ଲାଗିକି
ଅଲଣା ଲାଗେ ତିଅଣ ।

ରସଗୋଲା ମଧ୍ୟ ଲାଗେ ନାହିଁ ମିଠା
ଲବଣର ଅଭାବରେ
ଚିନି ଭଳି ସ୍ୱାଦ ଥାଏ ଲବଣର
ସୁଆଦିଆ କରିବାରେ ।

ଲୁଣିଆ ବୋଲିକି ଲବଣର ସ୍ୱାଦ
ନାହିଁ କହି ହେବ ନାହିଁ
ଲବଣରେ ସ୍ୱାଦ ଥାଏ ଭରପୁର
(ସେ)ସ୍ୱାଦର ତୁଳନା ନାହିଁ ।

ଲବଣ ସୁଆଦ ନିଆରା ସ୍ୱତନ୍ତ୍ର
ନ ଲାଗିଲେ ସ୍ୱାଦହୀନ
ଲୁଣ ପରିମାଣ ଠିକ ରହିଥିଲେ
ବ୍ୟଞ୍ଜନଟି ସ୍ୱାଦପୂର୍ଣ୍ଣ ।

ଲବଣର ସ୍ୱାଦ ଯଦିଚ ଲୁଣିଆ
ଲାଗିଥିଲେ ଲାଗେ ମିଠା
ଲବଣ ଅଭାବେ ମିଠା ଯାହା ଥାଉ
ସେଇ ମିଠା ଲାଗେ ସିଠା ।

ବୌଦ୍ଧ, ବଉଦରାଜ-୭୬୨୦୧୪,
ମୋ.୯୪୩୭୪୭୮୪୬୬

## ମାଆ ହାତ ରନ୍ଧା ଭାରି ସୁଆଦ

**ସୁନୀଲ କୁମାର ପ୍ରଧାନ**

ମାଆ ହାତ ରନ୍ଧା ଭାରି ସୁଆଦ
ଜାଉ ଡାଲି ଆଉ ତିଅଣ ଭାତ
ଶରୀର ପାଇଁ କି ଅଟଇ ହିତ ।

ମାଆ ହାତ ରନ୍ଧା ଭାରି ସୁଆଦ
ଥରେ ଖାଇଥିଲେ ତାହାରି ହାତେ
ଭୋକତ ନଥାଏ ଚାଲେ ସେ ପଥ ।

ମାଆ ହାତ ରନ୍ଧା ଭାରି ସୁଆଦ
ଅମୃତ ସମାନ ଅଟଇ ସେତ
ନ ଖାଇଲେ ତା ଉଠଇ ହାତ ।

ମାଆ ହାତ ରନ୍ଧା ଭାରି ସୁଆଦ
ହେଉ ଗ୍ରୀଷ୍ମ ଅବା ବରଷା ଶୀତ
କେତେ ସରାଗରେ ରାନ୍ଧଇ ଭାତ ।

ମାଆ ହାତ ରନ୍ଧା ଭାରି ସୁଆଦ
ବାରି ଶାଗ ସହ ପଖାଳ ଭାତ
ଆମରି ଦେହକୁ ବହୁତ ହିତ ।

ମାଆ ହାତ ରନ୍ଧା ଭାରି ସୁଆଦ
ନାନା ଦରବକୁ ବାଢି ଦିଅଇ
ତାହାରି ପରିକା କେହି ନୁହଁଇ ।

+ଝାଟିପଦର, ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬

## ସହି ଶିଖି ଥିଲେ

**କୀର୍ତ୍ତନ ସାହୁ**

ମାଆଟି ଆମର ଭଲ ପାଇଁ ଆମ
ଅଳି ଅର୍ଦ୍ଦଳିକୁ ସହେ
ସେଇଥି ପାଇଁକି ପରିବାରେ ଆମ
ଖୁସିର ମଳୟ ବହେ ।

ଯିଏ ଯାହା ଖାଉ ଯିଏ ଯାହା କହୁ
ମାଆ ସବୁ ସହି ଯାଏ
ସଭିଙ୍କର ଦୁଃଖ ନିଜେ ମୁଣ୍ଡେ ବହି
କେତେ ଯେ ଆନନ୍ଦ ପାଏ ।

ଗଛଟି ଜନମୁ ମରଣ ଯାଏ ସେ
ଜୀବଜନ୍ତୁ ଦାଉ ସହି
ପ୍ରକୃତି ଦାଉ ବି ସହି ଯାଇ ଥାଏ
ଟାଣ ପଣ ହୃଦେ ବହି ।

ସବୁ କିଛି ତାର ଦେଇ ଚାଲି ଥାଏ
ଏଇ ମଣିଷର ପାଇଁ
ହେଲେ ଏ ମଣିଷ ବୁଝି ପାରେ ନାହିଁ
ମୁଳୁ ତାକୁ ହାଣି ଥାଇ ।

ସର୍ବଂସହା ମାଟି ମାଆ ଏଣେ ଦେଖ
ସହେ ସବୁ ମୁଣ୍ଡ ପାତି
ପ୍ରକୃତି ମଣିଷ ଜୀବଜନ୍ତୁ ହେଉ
ଶୀତ ବରଷା କି ତାତି ।

ସବୁ ସହି ସିଏ ବଞ୍ଚାଇ ରଖିଛି
ସାରା ଜଗତକୁ ପରା
ତାହାରି କୋଳରେ ସଭିଙ୍କର ନାଟ
ଦେଖି ହସେ ଏହି ଧରା ।

ଲକ୍ଷ୍ୟ କରି ଦେଖ ଯିଏ ସହି ପାରେ
ସିଏହିଁ ତ ଜିତି ପାରେ
ନ୍ୟାୟ ପଥକୁ ମାନି ସହି ଯିବା
ମନେରଖ ପିଲେ ବାରେ ।

ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧

## ଆସ ମଉସୁମୀ ରାଣୀ....

**ରାମଚନ୍ଦ୍ର ବେହେରା**

ଜ୍ୟୈଷ୍ଠମାସ ଖରା ଅସହ୍ୟ ହେଲାଣି
ଗୁଳୁଗୁଳି ଦିଏ ବ୍ୟଥା
ଝାଳ ମାନେ ନାହିଁ ଦିନ ଅବା ରାତି
ଦେହ ଲାଗେ ଅଠା ଅଠା ।

ଝାଂଜି ପବନରେ ଦେହ ଜଳିଯାଏ
ଥକାପଣ ଘେରି ଆସେ
ଖାଇହୁଏ ନାହିଁ ଶୋଇହୁଏ ନାହିଁ
ଥଣ୍ଡା ବାଆ ମନ ତୋଷେ ।

ଗ୍ରୀଷମ ଦାଉରୁ ମୁକତିର ଆଶେ
ମନ ଖୋଜେ ମେଘ ମାଳା
ଆସ ଆସ ଫେରି ମଉସୁମୀ ତୁମେ
କରନାହିଁ ଆଉ ହେଳା ।

ବାଦଲ ବରଷା ସାଥେ ନେଇ ତୁମେ
ଆସ ଆସ ଅବତରି
ତୁମ ପରଶରେ ଧରଣୀ ମା'କୋଳେ
ଶିହରଣ ଯାଉ ଭରି ।

ତୁମ ଆଗମନ ଦେଖି ଚଷାପୁଅ
ଆରମ୍ଭିବ ଚାଷ କାମ
ଗହୀର କ୍ଷେତରେ ବିହନ ବୁଣିବ
କରିବ କଠିନ ଶ୍ରମ ।

ଆସ ମଉସୁମୀ ବିଳମ୍ବ ନକରି
ଢାଳିଦିଏ ସୁଧା ବାରି
ସବୁଜ ରଂଗରେ ହସିଉଠୁ ଧରା
ଗ୍ରୀଷ୍ମ କୋପ ହେଉ ଦୂରି ।

ନଈ ପୋଖରୀରେ ଭରିଯାଉ ପାଣି
ଶୀତଳ ହେଉ ଧରଣୀ
ବାଦଲ ବିଜୁଳି ଘଡଘଡି ସହ
ଆସ ମଉସୁମୀ ରାଣୀ ।

+ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୭୩୪୩୪୬

# ମୋ ପିଲାଦିନ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ମିଲିର ଅଜା ଆଇ ରହନ୍ତି ଗାଆଁରେ । ତାଙ୍କ ନାତି ନାତୁଣୀ ରହୁ ଥାଆନ୍ତି ଦିଲ୍ଲୀ ମହାନଗରରେ । ବର୍ଷରେ ଥରେ ଦୁଇ ଥର ଅଜା ଆଇ ଦିଲ୍ଲୀ ଯାଇ ଭେଟି ଆସନ୍ତି ତାଙ୍କ ନାତି ନାତୁଣୀଙ୍କୁ । ପିଲାମାନେ ଚାହାଁନ୍ତି ଅଜା ଆଇ ତାଙ୍କ ପାଖରେ ବେଶି ଦିନ ରହନ୍ତୁ । କିନ୍ତୁ ଗାଁ ଘର ଦ୍ୱାର, ଲେଖା ପଢ଼ା ଛାଡ଼ି ଦିଲ୍ଲୀରେ ବେଶି ଦିନ ରହି ପାରନ୍ତି ନାହିଁ ଅଜା ଆଇ । ନାତୁଣୀ ମିଲିର ଜନ୍ମ ଦିନ ଥିବାରୁ ଅଜା ଯାଇଥିଲେ ଦିଲ୍ଲୀ । ମିଲିକୁ ପାଞ୍ଚ ବର୍ଷ ପୂରିଲା । ସେ ପ୍ରଥମରୁ ଦ୍ୱିତୀୟ ଶ୍ରେଣୀକୁ ଯାଇଥାଏ । ଅଜା ଖାତା କଲମ ଧରି ଲେଖୁଥିବା ଦେଖି ମିଲି ପଚାରିଲା, 'ଅଜା କ'ଣ ସବୁ ଲେଖୁଛ ? ' ଅଜା କହିଲେ, 'ତୁମ ଭଳି ଛୋଟ ପିଲାଙ୍କ ପାଇଁ କାହାଣୀ କବିତା ।'



ସେଇଠୁ ମିଲି କହିଲା, 'ତେବେ ଅଜା ତୁମେ ସବୁଦିନ ମୋତେ ରାତି ଶୋଇବା ବେଳେ ଗପ ଶୁଣାଇବ । ନୂଆ ନୂଆ ଗପ । ' ତାଙ୍କୁ ଜଣା ଅଜା ଆଇ, ଜେଜେ ଜେଜେମାମାନଙ୍କ ଠାରୁ ଗପ ଶୁଣିବା ନାତି ନାତୁଣୀଙ୍କର ଜନ୍ମଗତ ଅଧିକାର । ତଥାପି କହିଲେ, ' ଗପ ଶୁଣାଇବି ଯେ ତୁ ଯଦି ମୋ ପାଖରେ ଶୋଇବାକୁ ଆସିବୁ । ଗପ ଶୁଣି ହୁଁ ମାରିବୁ ।' ମିଲି ବଡ଼ ଚାଲାଖ କହିଲା, 'ହଉ ମୁଁ ତୁମ ପାଖରେ ଶୋଇ ଗପ ଶୁଣିବି । ତା' ପରେ ମାମା ପାଖକୁ ପଳାଇବି ।' ତା' ପରଠୁ ମିଲି ସବୁଦିନ ଅଜାଙ୍କ ପାଖରୁ ଗପ ଶୁଣେ ।

ଆଉ ଦିନେ ଅଜା ବସି ଲେଖୁଥିବା ବେଳେ ମିଲି ତା' ଖାତା ପେନସିଲ୍ ନେଇ ଆସିଗଲା । କହିଲା, ' ଅଜା ମୁଁ ବି ତୁମ ଭଳି ଗପ ଲେଖିବି । ମୋତେ କହିଦିଅ କେମିତି ଲେଖିବି ? ' ଅଜା ମିଲିର ଆଗ୍ରହ ଦେଖି ତାକୁ ତିନି ଚାରି ଧାଡ଼ିର ଗପଟିଏ ଲେଖାଇ ଦେଲେ । ମିଲି ସେ ଗପଟି ଲେଖିସାରି ଭାରି ଖୁସି ହୋଇ ଗଲା । ନେଇ ଘରେ ସମସ୍ତଙ୍କୁ ଦେଖାଇଲା । ସେ ଗପ ତାକୁ ଅଜା ଲେଖାଇ ଦେଇଛନ୍ତି କହି ଆନନ୍ଦିତ ହେଉଥିଲା । ତା' ପରଦିନ ମିଲି ପୁଣି ତା' ଖାତା କଲମ ନେଇ ଅଜାଙ୍କ ପାଖକୁ ଆସି ଗଲା । ତାଙ୍କ ପାଖରେ ବସି କହିଲା, 'ଅଜା ଆଜି ତୁମେ କିଛି କହିବ ନାହିଁ । ମୁଁ ନିଜେ ଗପ ଲେଖିବି ।' ଅଜା ତା' କଥା ଶୁଣି ବହୁତ ଖୁସି ହୋଇଗଲେ । ତାକୁ ଉତ୍ସାହିତ କରିବା ପାଇଁ କହିଲେ, ' ହଉ ତେବେ ତୁ ନିଜେ ଗପ ଲେଖ ମୁଁ କିନ୍ତୁ କହି ଦେଉଛି ଗପର ନାଆଁ କ'ଣ । ' ମିଲି କହିଲା, 'ନା ଅଜା ଗପର ନାଆଁ ବି ମୁଁ ନିଜେ ଦେଇଦେବି ।'

ଅଜାଙ୍କ ପାଖରେ ବସି ମିଲି ତା' ଗପ ଲେଖିବା ଆରମ୍ଭ କଲା କ୍ଷ କିଛି ସମୟ ମଧ୍ୟରେ ଚାରି ପାଞ୍ଚ ଧାଡ଼ି ଲେଖି ଆଣି ଦେଖାଇଲା ଏବଂ ନିଜେ ପଢି ଜଣ ଜଣ କରି ସମସ୍ତଙ୍କୁ ଶୁଣାଇଲା । ତା' ଗପର ନାମ ଥିଲା "ମୋ ପିଲା ଦିନ " । ସେଥିରେ ସେ ଲେଖିଥିଲା ' ମୁଁ ଗୋଟିଏ ଛୋଟ ପିଲା । ସ୍କୁଲକୁ ପାଠ ପଢ଼ି ବାକୁ ଯାଏ । ସ୍କୁଲରୁ ଆସି ପୁଣି ନାଚ ଶିଖିବା, ଡ୍ରଇଁ ଶିଖିବା ପାଇଁ ଯାଏ । ମୋତେ ମୋ ଖେଳଣା ଧରି ଖେଳିବାକୁ ଭଲ ଲାଗେ । ମୁଁ ମିଛି ମିଛିକା ରୋଷେଇ କରେ । ଭାତ ଡାଲି ରାନ୍ଧିବା, ଚା କରିବା ମୋତେ ଆସେ । ମୁଁ ବାପା ମା' ଙ୍କ କଥା ମାନେ । ଦୁଷ୍ଟାମି କରେ ନାହିଁ । ମୁଁ ବଡ଼ ହୋଇ ଭଲ ମଣିଷ ହେବି ।'

ଅଜା ଗପଟି ଶୁଣି କହିଲେ, 'ମିଲି ତୁ ତ ଭଲ ଗପ ଲେଖି ପାରୁଛୁ । ପଢିବା ଖେଳିବା ସହିତ ଆହୁରି ଗପ ଲେଖିବୁ । ଘରେ ବାପା ମା, ସ୍କୁଲରେ ଶିକ୍ଷକ ଏବଂ ତୋ ସାଙ୍ଗ ମାନଙ୍କୁ ଶୁଣେଇବୁ । ତେବେ ବଡ଼ହୋଇ ଜଣେ ଭଲ ଲେଖିକା ହୋଇ ପାରିବୁ । ମିଲି କହିଲା କ'ଣ ଅଜା ମୁଁ ତୁମ ଭଳି ହୋଇ ପାରିବି ? ଅଜା କହିଲେ ନା, ତୁ ମୋ ଭଳି ନୁହଁ ମୋ ଠାରୁ ବହୁତ୍ ଭଲ ଲେଖିକା ହେବୁ ।'

+ ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ମାଲକାନଗିରି ଜିଲ୍ଲାରେ ପାଣି ଫ୍ୟାକ୍ଟ୍ରି ସଂଖ୍ୟା ବଢୁଛି: ଜଳର ଶୁଦ୍ଧତା ନେଇ ଉଠିଲା ପ୍ରଶ୍ନ

ମାଲକାନଗିରି,୨୩/୫(ନି. ପ୍ର): ମାଲକାନଗିରି ଜିଲ୍ଲାର ବିଭିନ୍ନ ବଜାରରେ ମିଳୁଥିବା ପ୍ୟାକିଂ ପାଣି ବୋତଲର ଶୁଦ୍ଧତା ନେଇ ସାଧାରଣରେ ଉଠିଛି ପ୍ରଶ୍ନ । ବିନା ଆଇଏସଆଇ ମାର୍କରେ ବିଭିନ୍ନ ପାଣି ବିତରଣ କମ୍ପାନୀ ପାଣି ପ୍ୟାକିଂ କରି ବଜାରକୁ ଛାଡୁଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏହାର କୌଣସି ଯାଂଚ୍ କରୁନଥିବାରୁ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । ଖରା ଦିନରେ ସାଧାରଣତଃ ଥଣ୍ଡା ପାଣିର ଚାହିଦା ଅଧିକ ଥିବାରୁ କମ୍ପାନିମାନେ ସ୍ୱଚ୍ଛ ପାଣି ନାମରେ ସାଧାରଣ ଏବଂ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେଉଥିବା ପାଣି ବଜାରକୁ ଛାଡି ମୁନାଫା କମାଉଛନ୍ତି । ବିବାହ, ବ୍ରତଘର, ଜନ୍ମଦିନ, ବିଭିନ୍ନ ସଭାସମିତି ଓ ଶୁଦ୍ଧିକ୍ରିୟାରେ ପାଣି ଜାରର ଚାହିଦା ଅଧିକ ଥିବାବେଳେ ଏହା ପ୍ରକୃତରେ ବିଶୁଦ୍ଧ ପାଣି ନା ଦୂଷିତ ପାଣି ତାହା ଗ୍ରାହକଙ୍କ ପାଇଁ ଜାଣିବା କଷ୍ଟକର ହୋଇପଡ଼େ। କେତେକ ପାଣି କମ୍ପାନି ମଧ୍ୟ ଆକର୍ଷଣୀୟ ପ୍ୟାକିଂ କରି ବଜାରକୁ ବିକ୍ରି ପାଇଁ ଛାଡୁଥିବାରୁ ଗ୍ରାହକ ଏହାର ଶୁଦ୍ଧତା ପରଖି ପାରିବାର ସୁଯୋଗ ପାଇ ନଥାନ୍ତି। ପାଣି କମ୍ପାନି ଦୋକାନୀଙ୍କୁ ଅଧିକ ରିହାତି ଦେଇ ଅଧିକ ପାଣି ପାଣି ବିକ୍ରି ପାଇଁ ପ୍ରବର୍ତାଇଥାନ୍ତି। ପ୍ରକୃତରେ ଆଇଏସଆଇ ଦ୍ୱାରା ପରୀକ୍ଷା କରାନଯାଇ କେବଳ ଆଇଏସଆଇ ଲୋଗୋ ଲଗାଇ ଗ୍ରାହକମାନଙ୍କୁ ଠକୁଥିବାର ଜଣାପଡ଼ିଛି । ବିନା ଆଇଏସଆଇରେ ବହୁ କମ୍ପାନି ବେଧଡକ ବ୍ୟବସାୟ କରୁଛନ୍ତି । ଫଳରେ ପାଣିର ମାନ ଯାଂଚ୍ ହୋଇ ପାରୁନାହିଁ । ପାଣି କମ୍ପାନିମାନେ ପାଣିକୁ ଜୀବାଣୁମୁକ୍ତ କରିବା ପାଇଁ ଅଲଟ୍ରା ଭାଓଲେଟ ଓ ରିଭର୍ସ ଅସମୋସିସ ପ୍ରକ୍ରିୟା ଅବଲମ୍ବନ କରି ପାଣି ପ୍ୟାକିଂ କରିବା ଉଚିତ୍। ଏହି ପାଣିକୁ ମଧ୍ୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇ ବଜାରକୁ ବିକ୍ରି ପାଇଁ ଛଡାଯିବା ଉଚିତ୍। କିନ୍ତୁ, ଏଭଳି ପ୍ରକ୍ରିୟା ଅନୁସରଣ ନକରି ଲୋକଙ୍କ ଜୀବନ ସହ ଖେଳ ଖେଳି ପାଣି ବିକ୍ରି କରୁଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ। ଜିଲ୍ଲା ବାହାରୁ ଆସୁଥିବା ଅନେକ ପାଣି ବୋତଲରେ ତିଆରି ତାରିଖ ଏବଂ ବ୍ୟବହାରର ଶେଷ ତାରିଖ ଉଲ୍ଲେଖ କରାନଯାଇ ପାଣି ବିକ୍ରି କରାଯାଉଛି। ଫଳରେ ବହୁ ଦିନ ଧରି ପଡି ରହିଥିବା ପାଣି ବୋତଲ ବିକ୍ରି ହେଉଛି। ଶୋଷିଲା ଗ୍ରାହକମାନେ ମଧ୍ୟ ଅନେକ ସମୟରେ ଏହି ତାରିଖକୁ ନିଘା ନକରି ପାଣି ପିଇ ପେଟ ରୋଗରେ ପଡ଼ନ୍ତି। ଜିଲ୍ଲାରେ କେବଳ ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରି ସହିତ ମୃଦୁ ପାନୀୟ ମଧ୍ୟ ବିକ୍ରି ବହୁ ମାତ୍ରାରେ ବଢିଛି । ସହରର ମୁଖ୍ୟ ରାସ୍ତାକଡ ସମେତ ବିଭିନ୍ନ ଗଳିକନ୍ଦିରେ ଥିବା ଚା’ ପାନ ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଷ୍ଟ ଓ ଫାଷ୍ଟଫୁଡ୍ ଦୋକାନ ଓ ମୃଦୁପାନୀୟ ଦୋକାନ ଗୁଡିକରେ ବହୁଳ ଭାବରେ ନକଲି ବ୍ରାଣ୍ଡର ପାଣି ବୋତଲ ଉପଲବ୍ଧ ହେଉଛି । ବିଭିନ୍ନ ଗାଁ ଗଣ୍ଡାରେ ମଧ୍ୟ ଏଭଳି ନକଲି ବ୍ରାଣ୍ଡର ପାଣି ବୋତଲ ସୁବିଧା ଓ ସହଜରେ ମିଳୁଛି। ଏସବୁ ପାଣି ବୋତଲ ଯେ ଅସଲି କିମ୍ବା ନକଲି ତା’ର ଗୁଣାତ୍ମକ ମାନ ଜାଣିବା ଦୂରେ ଥାଉ କିନ୍ତୁ ଦୋକାନୀକୁ ୧୦ ଟଙ୍କା କିମ୍ବା ୨୦ ଟଙ୍କା ବଢ଼ାଇଲେ ମିଳିଯାଉଛି ବିଭିନ୍ନ ବ୍ରାଣ୍ଡର ପାଣି ବୋତଲ। ବେଆଇନ୍ ଭାବେ ଏବେ ଛତୁ ଫୁଟିଲା ଭଳି ମାଳ ମାଳ ନକଲି ପାଣି ବୋତଲ ପ୍ରସ୍ତୁତକାରୀ ବ୍ୟବସାୟୀ ମୁଣ୍ଡ ଟେକିଥିବା ଜଣାପଡ଼ିଛି । ମାଲକାନଗିରି ସଦର ମହକୁମା ସମେତ ଆଖପାଖ ଅଂଚଳରେ ଏଭଳି ଅସାଧୁ କାରବାରର ଚେର ଲମ୍ବିଥିବା ବେଳେ ତୃଷାର୍ତ ଗ୍ରାହକ ସିଧାସଳଖ ଠକାମୀର ଶିକାର ହେଉଥିବା ଅଭିଯୋଗ ହେଉଛି । ଏଭଳି ବେଆଇନ୍ ଭାବେ ଦୈନିକ ହଜାର ହଜାର ଲିଟର ନକଲି ବ୍ରାଣ୍ଡର ପାଣି ବୋତଲ ଏବଂ ୨୦ ଲିଟର ପାଣି ଜାର ବିକ୍ରି ହେଉଛି । ପ୍ରଶାସନିକ ନିଷ୍କ୍ରିୟତାର ଫାଇଦା ଉଠାଇ ନକଲି ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ ଆଇନ୍ କାନୁନକୁ ଦଳି ମକଚି ସିଧାସଳଖ ଗ୍ରାହକଙ୍କ ଉପରେ ଶୋଷଣ ନୀତି ଆପଣେଇଥିବା ଜଣାପଡିଛି । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏଭଳି ବେଆଇନ୍ କାରବାର ପ୍ରତି ଧ୍ୟାନ ଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି । ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ବେଆଇନ ଭାବେ ପାଣି ବିକ୍ରୀ କରୁଥିବା କମ୍ପାନି ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ଯେଉଁ କମ୍ପାନୀର ପ୍ରଦୂଷଣ ବୋର୍ଡ ଠାରୁ ଅନୁମତି ନାହିଁ ତାକୁ ସିଲ୍ କରିବାକୁ ଦାବି ହୋଇଛି ।

# ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ

ଜୟପୁର,୨୩/୫(ନି. ପ୍ର): ରାଜସ୍ଥାନର ଉଦୟପୁରର ଜିଙ୍କ୍ ଫୁଟବଲ ଏକାଡେମୀ ପାଇଁ ଏକ ଚୟନ ଶିବିର ଦଶହରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଶେଷ ପର୍ଯ୍ୟାୟରେ ମନୋନୀତ ଖେଳାଳିମାନଙ୍କୁ ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରିବାର ସୁଯୋଗ ପାଇବେ। ଏକାଡେମୀରେ ସେମାନଙ୍କ ପାଇଁ ଅଧ୍ୟୟନ ଓ ପ୍ରଶିକ୍ଷଣ ସହ ରହିବା ଖାଇବାର ବ୍ୟବସ୍ଥା ମାଗଣାରେ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜିଙ୍କ୍ ଫୁଟବଲ ଏକାଡେମୀ ପାଇଁ ଜୟପୁରରେ ଅନୁଷ୍ଠିତ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ବାଳିକା ବର୍ଗରେ ୧୫ବର୍ଷ, ବାଳକ ବର୍ଗରେ ୧୭ ବର୍ଷରୁ କମ ବୟସର ଖେଳାଳି ଯୋଗଦେଇଥିଲେ। ଏଥିରେ ଯୋଗଦେଇଥିବା ୧୦୦ ଜଣ ପ୍ରତିଯୋଗୀ ମଧ୍ୟରୁ ୩୦ ଜଣ ବାଳିକା ଓ ୭୦ ଜଣ ବାଳକ ଥିଲେ। ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏହାର ଫଳାଫଳ ଏକାଡେମୀ ପକ୍ଷରୁ ପରବର୍ତୀ ସମୟରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

# ନ୍ୟାସନାଲ ହେରାଲ୍ଡ ମାମଲା ସୋନିଆ-ରାହୁଲଙ୍କ ନୈତିକ ପତନର ପରାକାଷ୍ଠା : ତରୁଣ ଚୁଗ୍

ନୂଆଦିଲ୍ଲୀ, ୨୩/୫ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ କଟାକ୍ଷ କରି କହିଛନ୍ତି ଯେ ନ୍ୟାସନାଲ ହେରାଲ୍ଡ ମାମଲା କଂଗ୍ରେସ ନେତା ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ନୈତିକ ଅନିତିକ ପତନର ପରାକାଷ୍ଠା । ସେ କହିଛନ୍ତି ଯେ ସମ୍ପ୍ରତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନ୍ୟାସନାଲ ହେରାଲ୍ଡ ମାମଲାରେ ଏକ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ କଂଗ୍ରେସର ଶୀର୍ଷ ନେତୃତ୍ୱ ବିରୋଧରେ ନ୍ୟାସନାଲ ହେରାଲ୍ଡ ମାମଲା ସହିତ ଜଡିତ ଦୁର୍ନୀତିର ଗମ୍ଭୀର ଅଭିଯୋଗ ଆସିଛି। ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଚୁଗ୍ କହିଛନ୍ତି ଯେ, ମାମଲାଟି ୨୦୧୩ ମସିହାରେ ଦିଲ୍ଲୀ ହାଇକୋର୍ଟରେ ଏକ ପିଆଇଏଲ୍ ମାଧ୍ୟମରେ ଆରମ୍ଭ ହୋଇଥିଲା। ସେତେବେଳେ ୟୁପିଏ ସରକାର କ୍ଷମତାରେ ଥିଲା। ଏହି ମାମଲାରେ ରାହୁଲ ଏବଂ ସୋନିଆ ଜାମିନରେ ଅଛନ୍ତି। ସେ କହିଛନ୍ତି ଯେ ମାମଲା ସହିତ ଜଡିତ କାରବାରରେ ପ୍ରାୟ ୧୪୨ କୋଟି ଟଙ୍କାର ହେରଫେର ମାମଲାରେ କଂଗ୍ରେସ ନେତୃତ୍ୱ ଦୁର୍ନୀତିର ଅଭିଯୁକ୍ତ। କଂଗ୍ରେସ କହିବା ଉଚିତ ଯେ ଏହାକୁ କିଏ ଏବଂ କେଉଁଠି ବ୍ୟବହାର କରିଥିଲା। ବିଜେପି ସାଧାରଣ ସମ୍ପାଦକ ଚୁଗ୍ କହିଛନ୍ତି ଯେ କଂଗ୍ରେସ ଏକ ରାଜନୈତିକ ଦଳ ଭାବରେ ନିଜ ସମ୍ପତିରେ ଦୁର୍ନୀତି କରିଛି।

# ରକ୍ତର ହୋଲି ଖେଳୁଥିବା ମାଓ କମାଣ୍ଡର ଏବେ ରକ୍ତଦାନ କରିବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି

ମାଲକାନଗିରି,୨୩/୫(ନି. ପ୍ର): ଏକଦା ଜଙ୍ଗଲରେ ସୁରକ୍ଷା ବାହିନୀ ସହ ଲଢୁଥିଲେ । ଗୁଳିମାଡ଼ରେ ଅନେକ ଯବାନଙ୍କ ଜୀବନ ନେଇଛନ୍ତି। ପୁଲିସ୍ ଇନଫର୍ମର ସନ୍ଦେହରେ ବହୁ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ରକ୍ତର ହୋଲି ଖେଳୁଥିବା ମାଓ କମାଣ୍ଡର ପୁଲିସ୍ ନିକଟରେ ଆତ୍ମସର୍ମପଣ କରିବା ପରେ ସଂପୂର୍ଣ୍ଣ ବଦଳି ଯାଇଛି ଜୀବନ କାହାଣୀ । ନିଆରା ଜୀବନ ଜିଇଁବା ସହ ଲୋକଙ୍କ ସେବାକୁ ପ୍ରାଥମିକତା ଦେଉଛନ୍ତି। ତାହା ପୁଣି ରକ୍ତ ସଂଗ୍ରହ କରି। ବନ୍ଧୁକ, ମାରଣାସ୍ତ୍ର ଧରୁଥିବା ହାତ ସହାୟତା ଦିଗରେ ବଢ଼ିବା ପରେ ପ୍ରଶଂସାର ପାତ୍ର ହୋଇଛନ୍ତି ପୂର୍ବତନ ମାଓ କମାଣ୍ଡର ସୁଧୀର। ସୁଧୀରଙ୍କ ପ୍ରକୃତ ନାମ ଧନଞ୍ଜୟ ଗୋପ । ଘର କାଳିମେଳା ବ୍ଲକର ଏମଭି-୩୧ ଗାଁରେ। ପିଲାଟି ଦିନରୁ ସେ ଦୁଃଖ ଦୁର୍ଦ୍ଦଶାରେ ରହୁଥିଲେ। ମାତ୍ର ୧୫ ବର୍ଷ ବୟସରେ ୨୦୦୬ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। କାର୍ଯ୍ୟଦକ୍ଷତା ଯୋଗୁଁ ସେ ମିଲିସିଆରୁ ପାର୍ଟି ମେମ୍ବର ପରେ କମାଣ୍ଡର ହୋଇଥିଲେ। ୧୩ ବର୍ଷ ମାଓ ସଂଗଠନରେ ରହି ଆତଙ୍କ ଖେଳାଇଥିଲେ । ତାଙ୍କ ନାଁ ଶୁଣିଲେ ଚିତ୍ରକୋଣ୍ଡା ଓ କୁଡୁମୁଲୁଗୁମ୍ମା ଅଂଚଳରେ ତାଟିକବାଟ ପଡ଼ିଯାଉଥିଲା। ୨୦୧୯ ଫେବ୍ରୁଆରି ୨୪ରେ ମାଲକାନଗିରି ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ ସୁଧୀର। ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ନୀତି ଅନୁସାରେ ସୁଧୀରଙ୍କୁ ସହାୟତା ଯୋଗାଇ ଦିଆଯିବା ସହ କର୍ମ ନିଯୁକ୍ତି ଦିଆଯାଇଛି। ସୁଧୀର ମାଲକାନଗିରି ଜିଲ୍ଲା ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ସୁରକ୍ଷା କର୍ମୀ ଭାବେ କାମ କରୁଛନ୍ତି। ରକ୍ତ ସଂଗ୍ରହରେ ନିଜକୁ ନିୟୋଜିତ କରିବା ସହିତ ରକ୍ତଦାନ କରିବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ରକ୍ତର ବିକଳ୍ପ ନଥିବାରୁ ସଙ୍କଟ ଦୂର କରିବା ପାଇଁ ସଭିଏଁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ସୁଧୀର କହୁଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ରକ୍ତ ସଂଗ୍ରହରେ ସହଯୋଗ କରୁଛନ୍ତି। ଲୋକଙ୍କ ସେବା କରିବାର ସୁଯୋଗ ମିଳିଥିବାରୁ ବହୁତ ଖୁସି ବୋଲି ସୁଧୀର କହିଛନ୍ତି। ନକ୍ସଲ ହୋଇ ବନ୍ଧୁକ ମୁନରେ କେବେ ମଧ୍ୟ ଲୋକଙ୍କ ସେବା ହୋଇପାରିବ ନାହିଁ। ବେକାର ଯୁବକ, ଯୁବତୀମାନେ ନକ୍ସଲଙ୍କ ମିଥ୍ୟା କଥାରେ ପଡ଼ି ନିଜ ଜୀବନକୁ ମାଟି କରନ୍ତୁ ନାହିଁ ବୋଲି ସୁଧୀର ଆଗାମୀ ପିଢ଼ିଙ୍କୁ ପରାମର୍ଶ ଦେଇଛନ୍ତି।

# ବ୍ୟାଙ୍କ ମ୍ୟାନେଜର ସମ୍ମାନିତ

ପୁରୀ,୨୩/୫(ନି. ପ୍ର): ଭୁବନେଶ୍ୱର ବ୍ୟାଙ୍କ ଜୋନ ଅନ୍ତର୍ଗତ ଖୋର୍ଦ୍ଧା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ଥିବା ସମସ୍ତ ଇଣ୍ଡିଆନ ବ୍ୟାଙ୍କ ମଧ୍ୟରୁ ସାକ୍ଷୀଗୋପାଳ ଶାଖା ଜନତାଙ୍କୁ ବ୍ୟାଙ୍କ ସେବା ଦେବାରେ ଅଗ୍ରଣୀ ହୋଇଥିବାରୁ ଏହାର ଶାଖା ପ୍ରବନ୍ଧକ ସୁନିଲ ପ୍ରଭାକର ରଥଙ୍କୁ ଭୁବନେଶ୍ୱର ଠାରେ ସମ୍ମାନିତ କରାଯାଇଛି । ବ୍ୟାଙ୍କର ଉପ ମହାନିର୍ଦ୍ଦେଶକ ସୁମନ କୁମାର ସିଂହ, ଜୋନାଲ ପରିଚାଳକ ଏମ୍ ଅରୁଣା ଶ୍ରୀ ରଥଙ୍କୁ ସମ୍ମାନିତ କରିଥିଲେ । ଏଥିରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ । ସମ୍ମାନିତ ହେବା ପରେ ଶ୍ରୀ ରଥ କହିଛନ୍ତି ଯେ, ଜନତାଙ୍କୁ ବ୍ୟାଙ୍କ ସେବା ଯୋଗାଇବା ବ୍ୟାଙ୍କର ମୂଳ ଲକ୍ଷ୍ୟ । ବ୍ୟାଙ୍କର ୧୨ଟି ସେବା ଯଥା ସେଭିଙ୍ଗ ଡିପୋଜିଟ, କରେଂଟ ଓ ଫିକ୍ସି ଡିପୋଜିଟ, ଏମଏସଏମଇ, କାର ଲୋନ, ହାଉସିଂ ଲୋନ, ଏସ୍ଏଚଜି ଲୋନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି, ଅଟଳ ବୀମା ଯୋଜନା ଇତ୍ୟାଦିର ବ୍ୟାଙ୍କ ଭଲ ପ୍ରଦର୍ଶନ କରିଛି । ଶ୍ରୀ ରଥ ସମ୍ମାନିତ ହେବା ବ୍ୟାଙ୍କର ଗ୍ରାହକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

# ଖୋର୍ଦ୍ଧା ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଓଟିଇଟିକୁ ବିରୋଧ

ଖୋର୍ଦ୍ଧା,୨୩/୫(ନି. ପ୍ର): ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ଗଣଶିକ୍ଷା ବିଭାଗ ତରଫରୁ ହୋଇଥିବା ପତ୍ରାଙ୍କ ୧୨୬୩୭ ତା ୦୩/୦୫/୨୦୨୫ କୁ ବିରୋଧ କରୁଛି। ଏହି ଚିଠିରେ ଲେଖାଅଛି ଯେଉଁ ମାନେ ଓଟିଇଟି କରିନାହାନ୍ତି ସେମାନେ ଏଲ-ଭି (ଏ) ରୁ ଏଲ-ଭି (ବି)କୁ ପଦୋନ୍ନତି ପାଇପାରିବେ ନାହିଁ। ଯାହାକି ସାରା ରାଜ୍ୟରେ ୬୦ ହଜାର ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି ବର୍ଗରେ କାର୍ଯ୍ୟ କରୁଛନ୍ତି, ସେମାନେ ପଦୋନ୍ନତି ପାଇବାରୁ ବଂଚିତ ହେବେ ବୋଲି ୦୩/୦୫/୨୫ ଚିଠିରେ ଉଲ୍ଲେଖ ଅଛି। ଗଣ ଶିକ୍ଷା ବିଭାଗ ତରଫରୁ ୨୦୧୯ କ୍ୟାଡ଼ର ରୁଲ୍ ଚିଠି ନମ୍ବର ୫୭୫୪ ତାରିଖ ୦୮/୦୩/୧୯ ଅନୁସାରେ ଶିକ୍ଷକ ମାନଙ୍କର ପଦୋନ୍ନତି ପାଇଁ ଓଟିଇଟି ଦେବା ପାଇଁ ନିୟମ ବାହାର କରାଯାଇ ନ ଥିଲା। ସେ ସମୟରେ ସରକାର କଣ ଜାଣି ପାରିଲେ ନାହିଁ। ତା ପରେ ପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଓଡିଶା ତରଫରୁ ଚିଠି ନମ୍ବର ୧୦୬୮୬ ତାରିଖ ୦୬/୦୫/୨୩ ରେ ଶିକ୍ଷକ ମାନଙ୍କର ପଦୋନ୍ନତି ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଏକ କ୍ଲାରିଫିକେଶନ ଦିଆ ଯାଇଥିଲା। ସେହି ଚିଠିରେ ଲେଖାଥିଲା ୧୧/୦୨/୧୧ ବିଜ୍ଞାପନ ଅନୁସାରେ ଯେଉଁ ମାନେ ନିଯୁକ୍ତି ପାଇଥିବେ ସେମାନଙ୍କ ପାଇଁ ଓଟିଇଟି ବାଧ୍ୟତାମୂଳକ କରାଗଲା। ସେହି ଅନୁସାରେ ୧୧/୦୨/୧୧ ପରେ ଯେଉଁ ମାନେ ନିଯୁକ୍ତି ପାଇଛନ୍ତି ଓ ଏବେ ପାଇବେ ତେବେ ସେମାନେ ଓଟିଇଟି ପାସ୍ କଲା ପରେ ଯାଇଁ ନିଯୁକ୍ତି ପାଇବେ। ଓଟିଇଟି ଶିକ୍ଷକ ନିଯୁକ୍ତି ପାଇବା ପାଇଁ ଏଣ୍ଟରାସ୍ସ ଟେଷ୍ଟ ଅଟେ। କିନ୍ତୁ ଆମ ସରକାର ଏବେ କହୁଛନ୍ତି ଓଟିଇଟି ନ ଥିଲେ ପଦୋନ୍ନତି ହୋଇ ପାରିବ ନାହିଁ। ଏହା କେତେଦୂର ଠିକ୍ ସରକାର ଚିନ୍ତା କରିବା ଦରକାର। ଯେଉଁ ମାନେ ୧୧/୦୨/୧୧ ପୂର୍ବରୁ ନିଯୁକ୍ତି ପାଇଛନ୍ତି ସେମାନେ କିପରି ପଦୋନ୍ନତିରୁ ବଂଚିତ ହେବେ, ସରକାର କ’ଣ ଏହା ଜାଣି ପାରୁନାହାନ୍ତି। ୧୧/୦୨/୧୧ ପୂର୍ବରୁ ଯେଉଁମାନେ ନିଯୁକ୍ତି ପାଇଥିଲେ ତାଙ୍କ ଚାକିରୀ ସର୍ତାବଳୀରେ ଓଟିଇଟି କଥା ଲେଖା ନ ଥିଲା କି କେହି ବି ଅଣ୍ଡର ଟେକିଂ ଲେଖି କି ଦେଇନାହାନ୍ତି କି ସରକାର ସେ ସମୟରେ ଓଟିଇଟି କଥା କହିନାହାନ୍ତି। ଯଦି ୨୦୦୧, ୨୦୦୨, ୨୦୦୩, ୨୦୦୫, ୨୦୦୬, ୨୦୦୭/୦୮ ରୁ ୧୧/୦୨/୧୧ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କ କ୍ଷେତ୍ରରେ କିପରି ଓଟିଇଟି ଲାଗୁ କରାଯିବ ତାହା ସମସ୍ତଙ୍କୁ ଚକିତ କରିଛି ଓ ସାରା ରାଜ୍ୟ ରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ସରକାର ତରବରିଆ ଭାବରେ ଏକ ସୋଟିଇଟି (ସ୍ପେଶାଲ ଓଡ଼ିଶା ଟିଚର ଇଲିଜିବିଲିଟି ଟେଷ୍ଟ ) ଇନ୍ ସର୍ଭିସ୍ ରେ କରିବା ପାଇଁ ବୋର୍ଡ କାର୍ଯ୍ୟାଳୟ, କଟକ ଙ୍କୁ ଦାୟିତ୍ୱ ଦେଇଛନ୍ତି। ଇନ୍ ସର୍ଭିସ୍ ମାଧ୍ୟମରେ ସୋଟିଇଟି ପରୀକ୍ଷା ଦେବା ପାଇଁ ୦୯/୦୫/୨୫ ରିଖରୁ ୨୨/୦୫/୨୫ ପର୍ଯ୍ୟନ୍ତ ସମୟ ସୀମା ଧାର୍ଯ୍ୟ କରିଛନ୍ତି। ସେଥି ପାଇଁ ସାରା ରାଜ୍ୟ ରେ ଶିକ୍ଷକ ମାନଙ୍କ ମଧ୍ୟରେ ଏକ ମାନସିକ ନିର୍ଯାତନା ଦେଲା ଭଳି ବାତାବରଣ ସୃଷ୍ଟି ହୋଇଛି। ତା ସହିତ ରାଜ୍ୟର ବିଭିନ୍ନ ଜିଲାରୁ ଉଚ୍ଚ ନ୍ୟାୟାଳୟ ରେ ମଧ୍ୟ କେସ କରାଗଲାଣି। ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ ଡବ୍ଲୁପି ଡବ୍ଲୁପି(ସି)ଫିଲିଂ ନଂ- ୨୦୫୦୫/୨୫ ଜରଶୟ ଭକ୍ତ- ୧୪୧୩୭/୨୦୨୫ ଓ ଖୋର୍ଦ୍ଧା ଜିଲ୍ଲାର ଡବ୍ଲୁପି(ସି) ଫିଲିଂ ନଂ-୨୧୨୧୬/୨୦୨୫ -୧୯/୦୫/୨୫ ପଞ୍ଜୀକରଣ ନଂ ୧୪୭୪୧/୨୦୨୫, -୨୦/୦୫/୨୫ ତାରିଖରେ ଉଚ୍ଚ ନ୍ୟାୟାଳୟ ରେ ଗଣ ଶିକ୍ଷା ବିଭାଗ ର ଚିଠି ନମ୍ବର ୧୨୬୩୭ ତା ୦୩/୦୫/୨୦୨୫ ରେ ହୋଇଥିବା ଚିଠିକୁ ପ୍ରତ୍ୟାହାର ଓ ୧୧/୦୨/୨୦୧୧ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କର ପଦୋନ୍ନତି ପାଇଁ ଓଟିଇଟି ପ୍ରତ୍ୟାହାର କରନ୍ତୁ ବୋଲି କେସ କରାଯାଇଛି। ଏହା ଦ୍ୱାରା ୬୦ ହଜାର ଶିକ୍ଷକ ପ୍ରଭାବିତ ହେବା ସହିତ ବହୁ ଶିକ୍ଷକ ମାନଙ୍କର ଅବସର ପାଇଁ ୬ମାସ,୧ ବର୍ଷ,୨/୩/୪ ବର୍ଷ ଅଛି। ଅବସର ନେବାକୁ ୨/୪ ବର୍ଷ ଥିବା ବେଳେ ସେମାନେ ଏବେ ବି ଏଲ-ଭି (ଏ) ରୁ ଏଲ-ଭି (ବି) କୁ ପଦୋନ୍ନତି ପାଇନାହାନ୍ତି, ଯାହାଦ୍ୱାରା ଏବେ ବି ଆମ ରାଜ୍ୟରେ ବହୁ ପଦବୀ ଖାଲି ଥିଲେ ମଧ୍ୟ ଓଟିଇଟି ଆଳରେ ଶିକ୍ଷକମାନଙ୍କୁ ପଦୋନ୍ନତି ନ ଦେବା ପାଇଁ ସରକାରଙ୍କର ଏହା ଏକ ଚକ୍ରାନ୍ତ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ର ରାଜ୍ୟ ଉପ ସଭାପତି ତଥା ଜିଲ୍ଲାର ସଭାପତି ଅଗାଧୁ ସେଠି, ଜିଲ୍ଲାର ସମ୍ପାଦକ ଅଜୟ କୁମାର ରାଉତରାୟ, ବ୍ଲକ୍ ର ସଭାପତି ସ୍ୱପ୍ନେଶ୍ୱର୍ ପ୍ରଧାନ , ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଯଦି ସରକାର ଏ ଚିଠି ପ୍ରତ୍ୟାହାର ନ କରନ୍ତି ଆଗାମୀ ଦିନରେ ବ୍ଲକ୍ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ତରଫରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି।

# ସରକାରୀ ଟଙ୍କା ଆତ୍ମସାତ୍ ଅଭିଯୋଗ : ୪ ଜଣଙ୍କୁ ଗିରଫ କଲା ଜୟପୁର ଭିଜିଲାନ୍ସ

ଜୟପୁର,୨୩/୫(ନି. ପ୍ର): ପୋଖରି ଖୋଳା ନାମରେ ସରକାରୀ ଟଙ୍କା ହଡ଼ପ କରିଥିବା ଅଭିଯୋଗ । ରାୟଗଡା ଜିଲ୍ଲା କାଶୀପୁର ବ୍ଲକ୍ ରେ ୨୩ ଗୋଟି ପୋଖରୀ ଖୋଳିବା ନାମରେ ୨୦ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ ଓ ପ୍ରମାଣ ମିଳିବା ପରେ ଅର୍ଥ ହଡ଼ପ ଅଭିଯୋଗରେ ରାୟଗଡ଼ା ଜିଲ୍ଲା ଜଳଛାୟା ମିଶନ ଓ ମୃତିକା ବିଭାଗର ୪ ଜଣ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ଗିରଫ କରିଛି ଜୟପୁର ଭିଜିଲାନ୍ସ । ଅର୍ଥ ଆତ୍ମସାତ କରିଥିବା ଅଭିଯୋଗରେ ଜିଲ୍ଲା ଜଳଛାୟା ପ୍ରକଳ୍ପର ଏପିଡି ରାଜେନ୍ଦ୍ର ନାଥ ନାୟକଙ୍କ ସହ ଜିତେନ୍ଦ୍ର ଖୋସଲା ମୃତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ, ଦୀପକ କୁମାର ସାହୁ ମୃତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ଏବଂ ଶ୍ରୀକୁମାର ନାୟକ ମୃତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀଙ୍କୁ ଭିଜିଲାନ୍ସ ଗିରଫ କରିଛି । ଘଟଣାରେ ଅନ୍ୟ କେଉଁମାନେ ସଂପୃକ୍ତ ଅଛନ୍ତି ଓ କେତେ ପରିମାଣର ଟଙ୍କା ହଡ଼ପ କରିଛନ୍ତି ଏହାର ଅଧିକ ତଦନ୍ତ କରୁଛି ଭିଜିଲାନ୍ସ ଟିମ। କାଶୀପୁର ସମେତ ଏକାଧିକ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢଉ ଜାରି ରହିଛି । ଲୋକଙ୍କ ହାତକୁ କାମ ଯୋଗାଇବା ଉଦ୍ଦେଶ୍ୟରେ ପୋଖରୀ ଖନନ କରିବା । ଖନନ ପୋଖରୀରେ ଜଳ ସଂରକ୍ଷଣ ରଖିବା ଓ ସଂରକ୍ଷିତ ସେହି ଜଳକୁ ଚାଷ ପାଇଁ ବ୍ୟବହାର କରିବା ଉଦ୍ଦେଶ୍ୟରେ ମୋ ପୋଖରୀ ଯୋଜନା କରିଛନ୍ତି ସରକାର । ଏହି ପୋଖରୀ ଯୋଜନା ଲୋକଙ୍କ ବା ଛୋଟ ଚାଷୀଙ୍କ ପାଇଁ କାମରେ ଆସିଲା ନାହିଁ । କାମ କରି ଟଙ୍କା ପାଇଲେ ନାହିଁ ଶ୍ରମିକ । ହେଲେ କାମ ନକରି ସରକାରଙ୍କ କୋଟି କୋଟି ଟଙ୍କା ହଡ଼ପ କରିନେଲେ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ । ଯୋଜନାକୁ ବାଟ ମାରଣା କରି ଟଙ୍କା ହଡ଼ପ କଲେ । କାଶୀପୁର ବ୍ଲକର ଅନେକ ସ୍ଥାନରେ ପୋଖରୀ ଖୋଳିଥିବା ଦେଖାଇ ସରକାରୀ ଟଙ୍କା ଖାଇ ଦେଇଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା ପ୍ରାଥମିକ ତଦନ୍ତରେ ଏନଆରଇଜିଏସ୍ ଜରିଆରେ ୨୩ ଗୋଟି ପୋଖରୀ ଖନନ ନ କରି ୨୦ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ପ୍ରମାଣ ମିଳିବା ପରେ ଓଡ଼ିଶା ଭିଜିଲାନ୍ସ ଜଳ ଛାୟା ପ୍ରକଳ୍ପ ଓ ମୃତିକା ସଂରକ୍ଷଣ ବିଭାଗର ସହାୟକ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଅନ୍ୟ ତିନି ଜଣ ଅଧିକାରୀଙ୍କୁ ଗିରଫ କରିଛି । କୋଟି କୋଟି ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି । ସେସବୁର ତଦନ୍ତ କରୁଛି ଭିଜିଲାନ୍ସ ।

# ଜୟପୁର ପୌର ପରିଷଦର ସାଧାରଣ ପରିଷଦ ବୈଠକ

ଜୟପୁର,୨୩/୫(ନି. ପ୍ର): ଜୟପୁର ପୌରପରିଷଦର ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜୟପୁର ପୌର ସଭାଗୃହରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଏମପି ପ୍ରତିନିଧି ହସନ ମଦାନି, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି . ସୁନିତା, ଜୟପୁର ଉପ ଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରି ଆକାବରମ ଶଶ୍ୟା ରେଡ୍ଡି, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରି କୃତିବାସ ସାହୁ, ପୌର ଯନ୍ତ୍ରୀ ଅଜୟ ଜାନୀ ଉପସ୍ଥିତ ଥିଲେ । ବୈଠକରେ ୨୩ ନମ୍ବର ଓାର୍ଡ ପୁରୁଣା କୋଠାକୁ ମରାମତି କରାଯାଇ ଗୋପବନ୍ଧୁ ଦାସଙ୍କ ସ୍ମୃତି ସଦନ କରାଯିବ । ବିକ୍ରମ ନଗର ଦ୍ୱିତିୟ ଲାଇନ ଠାରୁ ପୁରଣା ଲକ୍ଷ୍ମୀ ଟକିଜ ର ସରକାରୀ ଜାଗାରେ ଜବରଦଖଲ ଉଚ୍ଛେଦ କରାଇ ଉଠା ଦୋକାନି ଖାଓ ଗଲି ନିର୍ମାଣ କରାଯିବ ଆଦି ଉପରେ ନିଷ୍ପତି ନିଆଯାଇଛି । ଜୟପୁର ପୌରପାଳିକାର କୋଠା ୫୦ ବର୍ଷ ପୁରଣା ହେଲା । ସେଥିପାଇଁ ନୂତନ କୋଠା ନିର୍ମାଣ ପାଇଁ ଏକ ଡିପିଆର ପ୍ରସ୍ତୁତ କରାଯାଇ ସରକାରଙ୍କୁ ପଠାଯିବା ନେଇ ନିଷ୍ପତି ହୋଇଛି । ବର୍ଷା ଦିନକୁ ଦୃଷ୍ଟିରେ ରଖି ସହରର ସମସ୍ତ ନାଳକୁ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଛି । ୧୫ ଦିନ ଭିତରେ ସଫେଇ କାର୍ଯ୍ୟ ଶେଷ ହେବ । ସହରରେ ଥିବା ଗୋଷ୍ଠି କେନ୍ଦ୍ର ଓ କ୍ଲବକୁ ଚିହ୍ନଟ କରି ପରିଚାଳନା ଓ ରାଜସ୍ୱ ଆଦାୟ ପାଇଁ ଟେଣ୍ଡର କରାଯିବ । ପୌରପାଳିକାର ଷ୍ଟଲ ଭଡାରେ ନେଇ ବର୍ଷ ବର୍ଷ ଧରି ଭଡା ଦେଉନଥିବା ଷ୍ଟଲ ମାଲିକ ମାନଙ୍କୁ ନୋଟିସ କରାଯାଇଛି । ସେମାନଙ୍କ ଷ୍ଟଲକୁ ଜବତ କରାଯିବ । ବର୍ଷକୁ ଥରେ ଏଗ୍ରିମେଂଟ କରିବାକୁ ଥିବାବେଳେ ଯେଉଁ ଦୋକାନି କରି ନାହାନ୍ତି ସେମାନଙ୍କୁ ଏଗ୍ରିମେଂଟ କରିବାକୁ ନିର୍ଦ୍ଦେଶ ଦିଆଯିବ । ସହର ରାସ୍ତା, ନାଳ ନିର୍ମାଣ ପାଇଁ ଠିକା ନେଇଥିବା ଠିକାଦାରମାନେ କାମ କରୁ ନଥିବାରୁ ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ସହ ନୂତନ ଟେଣ୍ଡର କରାଯିବ । ମୁଖ୍ୟ ରାସ୍ତାରେ ଥିବା ସିଡିଏମଓଙ୍କ ପୁରଣା କୋଠାକୁ ଭଙ୍ଗାଯାଇଛି । ସେଠାରେ ସପିଙ୍ଗ କମ୍ପେକ୍ସ କରାଯିବା ନେଇ ନିଷ୍ପତି ହୋଇଛି । ଏମଜି ରୋଡ କାର୍ଯ୍ୟ ଚାଲିଛି ବର୍ଷା ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବା, ବ୍ୟାଟେରି ଗାଡି ଖରାପ ହୋଇପଡିଛି । ଅତିରିକ୍ତ ୧୫ଟି ଗାଡି ଲଗାଯାଇଛି । ସହରରେ ଥିବା ପାର୍କ ଗୁଡିକର ପରିଚାଳନା ସହ ରାଜସ୍ୱ ଆଦୟ ପାଇଁ ଟେଣ୍ଡର ଆହ୍ୱାନ କରାଯିବ । ପୁରୁଣା ତହସିଲ ଅଫିସ ନିକଟରେ ଥିବା ଷ୍ଟଲକୁ ଭଙ୍ଗା ଯାଇ ସପିଙ୍ଗ କମ୍ପେକ୍ସ ନିର୍ମାଣ କରାଯିବ ।

## ଲାଇଟ ହାଉସ ଅଙ୍ଗନୱାଡି କେନ୍ଦ୍ର ଉଦ୍ଘାଟିତ

ଜୟପୁର,୨୩/୫(ନି. ପ୍ର): କୋରାପୁଟ ବ୍ଲକ ଅନ୍ତର୍ଗତ ବଗେଇପଦର ଠାରେ ଲାଇଟ ହାଉସ ଅଙ୍ଗନୱାଡି କେନ୍ଦ୍ର ଉଦଘାଟିତ ହୋଇଯାଇଛି । କୋରାପୁଟ ସାଂସଦ ସପ୍ତଗିରି ଉଲାକା, କୋରାପୁଟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲ୍ଲାପାଳ ଭି. କୀର୍ତିୱାସନ, କୋରାପୁଟ ବ୍ଲକ ଅଧକ୍ଷା ନମିତା ମାଝୀଙ୍କ ଉପସ୍ଥିତିରେ ବଗେଇପଦର-୨ ଲାଇଟ ହାଉସ ଅଙ୍ଗନୱାଡି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହି କେନ୍ଦ୍ରରେ ୱାଇଫାଇ ସେବା ସହ ସ୍ମାର୍ଟଟିଭି ସ୍ଥାପନ, ଦୋଳି, ସାଣ୍ଡ ପିଟ, ସ୍ଲିଡ଼ିଂ, ଶୌଚାଳୟ, ଆମ୍ଫିଥିଏଟର, ବର୍ଷା ଜଳ ସଂରକ୍ଷଣ, ପାନୀୟ ଜଳ ଯୋଗାଣ, ପୁଷ୍ଟି ବଗିଚା, ଅଙ୍ଗନୱାଡି କର୍ମୀ ଗୃହ, ମେଡିକାଲ ଗୃହ ପ୍ରଭୃତି ନିର୍ମାଣ କରାଯାଇଛି।

# ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦ୍ୱାରା ନୂତନ ଖାଉଟି କାର୍ଡ ବଂଟନ

ଭବାନୀପାଟଣା,୨୩/୫(ନି. ପ୍ର): କଳାହାଣ୍ଡି ଜିଲ୍ଲା ସ୍ତରୀୟ ନୂତନ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆଜି ଜିଲ୍ଲାପରିଷଦ କଳାହାଣ୍ଡି ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାତ୍ର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ, ବୈଷୟିକ ବିଭାଗ, ଓଡିଶା ସରକାର ଯୋଗଦେଇ ଜିଲ୍ଲାର ୧୩ ଟି ବ୍ଲକ ଓ ୟୁ, ଏଲ,ବି ର ୯୨ ଜଣ ଯୋଗ୍ୟ ହିତାଧିକାରୀ ଙ୍କୁ ନୂତନ ଖାଉଟି କାର୍ଡ ବଂଟନ କରିଥିଲେ। ପରବର୍ତୀ ସମୟରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ନୂତନ ଖାଉଟି କାର୍ଡ ପ୍ରଦାନ କରାଯିବ ଏବଂ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ, ବିଧାୟକଙ୍କୁ ସାମିଲ କରାଯାଇ ତାଙ୍କ ଦ୍ୱାରା ଖାଉଟି କାର୍ଡ ବଂଟନ କାର୍ଯ୍ୟକ୍ରମ ଆୟୋଜନ କରିବା ଏବଂ ଖାଦ୍ୟ ସୁରକ୍ଷା ଯୋଜନା ରୁ ଯେପରି କୌଣସି ଗରିବ ଲୋକ, ଯୋଗ୍ୟ ହିତାଧିକାରୀ ବଂଚିତ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜିଲ୍ଲାର ୪,୧୪,୭୯୬ ଜଣ ଯୋଗ୍ୟ ହିତାଧିକାରୀ ଉପକୃତ ହେଉଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମ୍ମାନିତ ଅତିଥି ଭାବେ ସାଂସାଦ କଳାହାଣ୍ଡି ମାଳବିକା ଦେବୀ, ବିଧାୟକ ଧର୍ମଗଡ଼ ସୁଧୀର ରଞ୍ଜନ ପାଟଯୋଷୀ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ, ଉପ ଜିଲ୍ଲାପାଳ ଧର୍ମଗଡ଼ ଧୀମାନ ଚକମା, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା ଯୋଗଦେଇ ହିତାଧିକାରୀଙ୍କୁ ନୂତନ ଖାଉଟି କାର୍ଡ ବଂଟନ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ସଂପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗାଣ ବିଭାଗର ଅଧିକାରୀ, ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ନୂତନ ଖାଉଟି କାର୍ଡ ବଂଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ ଖାଉଟି କାର୍ଡ ହିତାଧିକାରୀଙ୍କୁ ବଂଟନ କରି ସମସ୍ତଙ୍କୁ ଉତ୍ସାହିତ କରିଥିବାରୁ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ସ୍ୱରୂପ ସୁଭଦ୍ରା ଯୋଜନା, କୃଷକଙ୍କୁ ଧାନ କୁଇଂଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ, ନୂତନ ଖାଉଟି କାର୍ଡ ପ୍ରଦାନ କରି ଲୋକଙ୍କ ମୁହଁରେ ହସ ଫୁଟାଇ ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଖାଉଟି କାର୍ଡ ବଂଟନ କାର୍ଯ୍ୟକ୍ରମ ପରେ ଆଜି ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପାତ୍ର ଯୋଗଦେଇଥିଲେ।

ଏଥିରେ ସାଂସଦ କଳାହାଣ୍ଡି ଶ୍ରୀମତୀ ଦେଓ, ବିଧାୟକ ଧର୍ମଗଡ଼ ଶ୍ରୀ ପାଟଯୋଷୀ, ଜିଲ୍ଲା ଭାଜପା ସଭାପତି ଶ୍ରୀ ପୋଡ଼ଙ୍କ ସମେତ ଅନେକ କର୍ମକର୍ତା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଓ ଯୁଗାନ୍ତକାରୀ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଥିଲେ ।

# ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ଆଇନ୍ ସେବା ପ୍ରଦାନ

ଭଦ୍ରକ , ୨୩/୫ (ନି.ପ୍ର): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ତରଫରୁ ନିୟୋଜିତ ହୋଇଥିବା ମୋବାଇଲ୍ ଭ୍ୟାନ୍‌କୁ ପୁଣ୍ୟ ଶ୍ଳୋକ ରଥ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ତା.୨୨.୦୫.୨୦୨୫ ରିଖରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇନ୍‌ଜୀବିଙ୍କ ସମେତ ପି.ଏଲ୍.ଭି.ଏଲ୍.ଏ.ଡ଼ି.ସ.ଏସ ର କର୍ମକର୍ତ୍ତା ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀଗଣ ଉପସ୍ଥିତ



ରହିଥିଲେ। ଏହି ମୋବାଇଲ ଭ୍ୟାନ୍‌ଟି ଭଦ୍ରକ ଜିଲ୍ଲାରେ ଚୁନିଦା, ଅର୍ଣ୍ଣପାଳ, ଅସୁରାଳି, ସହିଦନଗର ସମେତ ଚନ୍ଦବାଲିରେ କିଛି ଅଞ୍ଚଳ ଯଥା ଉଗ୍ରତାରା, ଦିଗଛିଆ, ଜଳେଶ୍ୱରପୁର, ଜସିପୁର ଏବଂ ଧାମରା ଇତ୍ୟାଦି ସ୍ଥାନମାନଙ୍କୁ ବୁଲି ଲୋକମାନଙ୍କ ଭିତରେ ଆଇନ୍ ସଚେତନତା ସୃଷ୍ଟି କରିବା ସହ ଆଇନ୍ ପ୍ରାଧିକରଣର ଭୂମିକା ସଂପର୍କରେ ଅବଗତ କରାଇଥିଲେ।

# ବିଭାନ ଗଙ୍ଗାଧର ଗୋଶାଳା ପକ୍ଷରୁ ରକ୍ତଦାନ ଶିବିର

ବାସୁଦେବପୁର, ୨୩/୫ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ବିଭାନ ଗଙ୍ଗାଧର ଗୋଶାଳା ଚାନ୍ଦିମାଳ ଓ ଅଖଣ୍ଡ ଯୁବସେନା ବାସୁଦେବପୁର ର ମିଳିତ ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିର ରେ ସମୁଦାୟ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିଲା। ବିଭାନ ଗୋଶାଳା ର ପ୍ରତିଷ୍ଠାତା ତାପସ କୁମାର ଜେନା, ସମ୍ପାଦକ ପ୍ରଶାନ୍ତ ମଲ୍ଲିକ, ଉପ ସଭାପତି ରାଧାଶ୍ୟାମ ମହାନ୍ତି, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ସେହିପରି ଅଖଣ୍ଡ ଯୁବ ସେନା ପକ୍ଷରୁ ଦୀପକ ନାୟକ, ନିତ୍ୟାନନ୍ଦ ସାହୁ, ମନୋରଞ୍ଜନ ସାହୁ, ଦିଗମ୍ବର ନାୟକ, ବିବେକ ନାୟକ, ମନୋଜ କୁମାର ସାହୁ, ବି ଏସ ଏଫ୍ ରଣଜିତ୍ ପଣ୍ଡା ଓ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଯୋଗ ଦେଇଥିଲେ। ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉଭୟ ସଂଗଠନର ଏହି ପରି ରକ୍ତଦାନ ଶିବିର ଓ ସେବା କାର୍ଯ୍ୟକୁ ବାସୁଦେବପୁର ସହରରେ ସମସ୍ତେ ପ୍ରଶଂସା କରିଛନ୍ତି।

# ଆଧୁନିକ ଭାରତ ଗଠନରେ ରାଜା ରାମମୋହନଙ୍କ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏସବୁ ତାଙ୍କର କୃତିତ୍ୱକୁ କେବେ କେହି ଅସ୍ୱୀକାର କରିପାରିବ ନାହିଁ । ସେ ସମସ୍ତ ଭାରତୀୟଙ୍କୁ ଏକ ବୃହତ ସଂହତି ପୂର୍ଣ୍ଣ ଏକତାର ଭାରତୀୟ ଭାବେ ଅନୁଭବ କରିବାରେ ସାହାଯ୍ୟ କରିଥିଲେ। ଯାହା ଦ୍ୱାରା ଭାରତୀୟମାନେ ଧୀରେ ଧୀରେ ସ୍ୱାଧୀନତାର ସ୍ୱାଦ ପାଇଥିଲେ । ତେଣୁ ନିଷ୍କର୍ଷ ରେ କେବଳ କହିହେବ, ଯଦି କେହି ଆଧୁନିକ ଭାରତକୁ ଜାଣିବାକୁ ଚାହାଁନ୍ତି, ତେବେ ତାଙ୍କୁ ପ୍ରଥମେ ରାଜା ରାମମୋହନ ରାୟଙ୍କୁ ଜାଣିବାକୁ ପଡିବ । ନଚେତ୍ ମଧ୍ୟଯୁଗୀୟ ଭାରତକୁ ବାହ୍ୟ ଜଗତ ସହିତ ପରିଚିତ କରାଇବା, ମାତୃଭାଷାକୁ ପ୍ରାଥମିକତା ଦେବା ଓ ଏହାକୁ ପାଶ୍ଚାତ୍ୟ ସହିତ ଏକତ୍ର କରିବା, ଏହାକୁ ମୁଣ୍ଡ ଉଠାଇବାର ସାହସ ଦେବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଅସମ୍ପୂର୍ଣ୍ଣ ଭାବରେ ବୁଝାଯିବ । ବିଶେଷ କରି କହିବାକୁ ଗଲେ ବଙ୍ଗଳା ମାଟିରେ ହିଁ ନବଜାଗରଣ ଆରମ୍ଭ ହୋଇଥିଲା । ରାମମୋହନ ଏକାକୀ ନିଜ କାନ୍ଧରେ ଏକ ଅଖଣ୍ଡ ଭାରତକୁ ଜାଗ୍ରତ କରିବାର କଷ୍ଟକର କାର୍ଯ୍ୟ ନେଇଥିଲେ ।

କିନ୍ତୁ ପରିତାପର ବିଷୟ ଯେତେବେଳେ ଭାରତ ତିନି ଭାଗରେ ବିଭକ୍ତ ହୋଇଥିଲା, ଜାତୀୟ ସ୍ୱାର୍ଥ ପାଇଁ ତାଙ୍କର ଅବଦାନକୁ ଯୋଜନାବଦ୍ଧ ଭାବରେ ଭୁଲିଯାଇଥିଲା ଓ ଅନେକ ରାଜନେତା ରାଜନୈତିକ ଲାଭ ପାଇଁ ଦଙ୍ଗା ସୃଷ୍ଟି କରି ଭାରତର ଇତିହାସକୁ ବିକୃତ କରିଥିଲେ । ତେଣୁ ରାଜନେତାମାନେ ସମୟର ଧୂଳିରେ ମଳିନ ହୋଇଗଲେ ମଧ୍ୟ, ଆଜି 'ରାଜା'ଙ୍କ ପରି ରାଜା ରାମମୋହନ ରାୟ ସମଗ୍ର ଭାରତର ଇତିହାସରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ହୋଇ ରହିବେ ଏହା ନିଃସନ୍ଦେହ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫

# ପୁରୁଣା ସରକାରୀ ବସ୍ ହେବ ଇଭି

ଭୁବନେଶ୍ୱର, ୨୩/୫ (ନି.ପ୍ର): ପ୍ରଦୂଷଣ ରୋକିବାକୁ ନୂଆ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର।

ଏଣିକି ପୁରୁଣା ସରକାରୀ ବସ୍ କୁ ଇଭିରେ ପରିବର୍ତନ କରାଯିବ। ବସ୍ ସହ ବିଭିନ୍ନ ବିଭାଗର ସରକାରୀ ଗାଡ଼ି ପର୍ଯ୍ୟାୟ କ୍ରମେ ଇଭି ହେବ। ଏଥିପାଇଁ ଜର୍ମାନ କମ୍ପାନି ସହ ଆଲୋଚନା ଚାଲିଛି । ପେଟ୍ରୋଲ, ଡିଜେଲ ଚଳିତ ଗାଡି କୁ ଇଭିରେ ପରିବର୍ତନ କରୁଥିବା ଏହି କମ୍ପାନୀ ଖୁବ ଶୀଘ୍ର ନିଜ ପ୍ଲାଂଟ ଓଡିଶାରେ ସ୍ଥାପନ କରିବବୋଲି କହିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା।

# ତିନିଜଣ ଗରୀବ ବ୍ରାହ୍ମଣପିଲାଙ୍କ ସାମୂହିକ ବ୍ରତୋପନୟନ କଲା ଗଡଜାତ ବ୍ରାହ୍ମଣ ସମାଜ

ନୀଳଗିରି , ୨୩/୫ (ନି.ପ୍ର): ନୀଳଗିରି ଗଡଜାତ ମାଟିର ଗଡ ବ୍ରାହ୍ମଣ ସମାଜ ଆଜି ପ୍ରଥମଥର ତିନିଜଣ ଗରୀବବ୍ରାହ୍ମଣ ପିଲାଙ୍କର ନିଶୁଳ୍କ ବ୍ରତୋପନୟନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ଅନୁଯାୟୀ ୨୩ତାରିଖ ଶୁକ୍ରବାର ନୀଳଗିରି ଠାକୁରମାହାଲ୍ ଅନ୍ତର୍ଗତ ରଧାକିଶୋର ଯାତ୍ରୀନିବାସ ପରିସରରେ ୧୯୬୪ମସିହାରେ ପ୍ରତିଷ୍ଠା ହୋଇଥିବା ଗଡଜାତ ବ୍ରାହ୍ମଣ (ଗଡବ୍ରାହ୍ମଣ) ତିନିଜଣ ଗରୀବ ବ୍ରାହ୍ମଣ ପିଲାଙ୍କର ସାମୁହିକ ବ୍ରତୋପନୟନ କରାଯାଇଥିଲା। ରେମୁଣା ପ୍ରଶାନ୍ତ ପଣ୍ଡାଙ୍କ ପୁଅ ରବୀନ୍ଦ୍ର ପଣ୍ଡା, ବାଲିଆ ଅଞ୍ଚଳର



ପ୍ରଦୀପ୍ତ ମହାପାତ୍ରଙ୍କ ସୁପୁତ୍ର ଓମପ୍ରକାଶ ମହାପାତ୍ର, ଏବଂନୀଳଗିରିର ହୃଷୀକେଶ ପଣ୍ଡାଙ୍କ ପୁଅ ନିହାର ପଣ୍ଡାଙ୍କ ବ୍ରାହ୍ମଣ ସମାଜ ଦ୍ୱାରା ବ୍ରତୋପନୟନ କରାଯାଇଥିଲା। ଗଡ ବ୍ରାହ୍ମଣସମାଜ ସଭାପତି ରବୀନ୍ଦ୍ର ପଣ୍ଡା, ସମ୍ପାଦକ ଦେବେନ୍ଦ୍ର ନନ୍ଦ, ମୁଖ୍ୟପୂଜକ ରାମକୃଷ୍ଣ ପଣ୍ଡା, ବ୍ରହ୍ମା ସରୋଜ ନନ୍ଦ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶାନ୍ତନୁ ନନ୍ଦ, ବିନେଶ୍ ଶତପଥୀ, ପଞ୍ଚାନନ ପତି, ହେମନ୍ତ ମହାପାତ୍ର, ବିଷ୍ଣୁମୋହନ ଆଚାର୍ଯ୍ୟ, ପ୍ରହରାଜ ପ୍ରମୋଦ ମହାପାତ୍ର, ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହାୟତା କରିବା ସହିତ ପରିଚାଳନାରେ ସହଯୋଗ କରିଥିଲେ। ନୀଳଗିରି ପୋଲିସ ଅଧୀକ୍ଷକ ପ୍ରମୋଦ ନାୟକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା , ସମାଜସେବୀ ସୁରଞ୍ଜନ ମହାପାତ୍ର, ସଞ୍ଜନ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବ୍ରହ୍ମଚାରୀ ମାନଙ୍କୁ ଆଶୀର୍ବାଦ କରିଥିଲେ।ଚଳିତବର୍ଷ ଠାରୁ ଆରମ୍ଭ ହୋଇଥିବା ଏଭଳି କାର୍ଯ୍ୟ ଆଗାମୀ ବର୍ଷ ମାନଙ୍କରେ ଅନୁଷ୍ଠିତ ହେବବୋଲି ବ୍ରାହ୍ମଣସମାଜ ସୂଚନା ଦେଇଛନ୍ତି।

# ଅଗ୍ନିବିପନ୍ନଙ୍କୁ ଚଣ୍ଡିମାତା ଫାଉଣ୍ଡେସନର ସହାୟତା

ଖଇରା, ୨୩/୫ (ନି.ପ୍ର): ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଆନନ୍ଦପୁର ଗ୍ରାମର ଅଗ୍ନିବିପନ୍ନ ବିଜୟ ଦାସଙ୍କୁ ସହାୟତାର ହାତ ବଢାଇଛନ୍ତି ଖଇରା ବ୍ଲକ ନନ୍ଦୁର ଗ୍ରାମର ଚଣ୍ଡିମାତା ଫାଉଣ୍ଡେସନର ସଦସ୍ୟଗଣ । ଉକ୍ତ ସଙ୍ଗଠନର ସଦସ୍ୟ ପ୍ରହଲ୍ଲାଦ ପତି,ଗୌତମ ନାୟକ, ବିଶ୍ୱଭୂଷଣ ପ୍ରଧାନ, ଅରୁପାନନ୍ଦ ନାୟକ, ଅନାଦି ଧଡା, ସୁରେନ୍ଦ୍ର ନାୟକ,ଗୋପମଣି ପଣ୍ଡା, ଧନଞ୍ଜୟ ପଣ୍ଡା ପ୍ରମୁଖ ବିପନ୍ନଙ୍କୁ ଭେଟି ୪ହାଜାର ଟଙ୍କାର ଆର୍ଥିକ ସହୟତା ସାଙ୍ଗକୁ ବସ୍ତ୍ର ପ୍ରଦାନ କରିଥିଲେ ।

# ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ରାଶି ବିନିଯୋଗରେ ବିଫଳ ରାଜ୍ୟ ସରକାର: ଆଇଟିଡିଏ ଘେରିଲା ବିଜେଡି

ନୀଳଗିରି , ୨୩/୫ (ନି.ପ୍ର): ପୂର୍ବତନ ବିଜେଡି ସରକାର ନୀଳଗିରି ଅଞ୍ଚଳର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଏବଂ ମନ୍ଦିରର ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିରୁ ୧କୋଟି ୭୦ଲକ୍ଷରୁ ଉର୍ଦ୍ଧ୍ୱ ପାଣ୍ଠି ଯୋଗାଇ ଦେଇଥିବାବେଳେ ବର୍ତ୍ତମାନର ଅପାରଗ ସରକାର ଉକ୍ତ ଟଙ୍କା ବିନିଯୋଗ କରିବାରେ ବିଫଳ ହୋଇଛନ୍ତି।ଫଳରେ ସମସ୍ତ ସହାୟତା ରାଶି ଫେରିଯିବାକୁ ବସିଛି। ଏନେଇ ନୀଳଗିରି ବିଜେଡିର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ପାଞ୍ଚଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ଶୁକ୍ରବାର ପୂର୍ବାହ୍ନ ୧୦ସମୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହିତ ଧାରଣା ଦେଇଥିଲେ। ତତ୍କାଳୀନ ବିଜେଡ଼ି ସରକାରଙ୍କ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନପଟ୍ଟନାୟକ ନୀଳଗିରି ନିର୍ବାଚନମଣ୍ଡଳୀର ବିଭିନ୍ନ ଭିତ୍ତିଭୂମୀ ଉନ୍ନୟନ ପ୍ରକଳ୍ପ ଓ ମନ୍ଦିରର ବିକାଶ ଏବଂ ରକ୍ଷଣାବେକ୍ଷଣ ପାଇଁ ୨୦୨୪ମସିହା ଫେବୃଆରୀ ୨୩ତାରିଖରେ ୧କୋଟି ୧୫ଲକ୍ଷ ୫୦ହଜାର ଏବଂ ମାର୍ଚ୍ଚ ୧ତାରିଖରେ ପୁନର୍ବାର ୫୫ଲକ୍ଷ ୫୦ହଜାର ତାଙ୍କର ସ୍ୱତନ୍ତ୍ରସହାୟତା ରାଶି ମୋଟ ୧କୋଟି ୭୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନୀଳଗିରି ଆଇଟିଡିଏ ମାଧ୍ୟମରେ ପ୍ରଦାନ କରିଥିଲେ। ମାତ୍ର ସରକାରଙ୍କ ଅଦୂରଦୃଷ୍ଟି ଏବଂ ବିଭାଗୀୟ କର୍ତୃପକ୍ଷଙ୍କ କାଳକ୍ଷେପଣ ନୀତି ପାଇଁ ସମସ୍ତ ସହାୟତା ରାଶି ଫେରିଯିବାକୁ ବସିଛି।ତେଣୁ ଆଗାମୀ ଦିନରେ ଲୋକେ କ୍ଷମା ଦେବେନି ବୋଲି ଉପସ୍ଥିତ ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ।ପରେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ କାରୁ ସୋରେନଙ୍କୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଏହି ଧାରଣାରେ ସୁକାନ୍ତ ନାୟକଙ୍କ ସମେତ ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡା, ବରିଷ୍ଠ ବିଜେଡିନେତା ଗଙ୍ଗାଧର ମିଶ୍ର, ସତ୍ୟନାରାୟଣ ମାକଳ, ରାଧାଗୋବିନ୍ଦ ଖଟୁଆ, ଉପେନ୍ଦ୍ର ଦାସ, ସମିତିସଭ୍ୟ ରାଜୀବ ଦାସବାବୁ , ସରପଞ୍ଚ ସୁରଥ ସିଂ, କୁଳମଣି ନାୟକ, ମାଳତୀ ମାର୍ଣ୍ଡୀ, ରଞ୍ଜିତା ଦାଣ୍ଡପାଟ, ବିନୋଦ ମହାନ୍ତି, ଶାନ୍ତିଲତା ବିଶ୍ୱାଳ, ପ୍ରଫୁଲ୍ଲ ପରିଡା, ସଞ୍ଜୟ ସିଂ, ପ୍ରଭାକର ବୁଗୁଡେଇ, ଅନ୍ତର୍ଯ୍ୟାମୀ ବୁଗୁଡ଼େଇ ପ୍ରମୁଖ ବହୁ ନେତା ଓ କର୍ମୀ ସାମିଲ ରହି ଥିଲେ।

# ୧ କୁଇଣ୍ଟାଲ ୪ କେଜି ଗଞ୍ଜେଇ ଜବତ : ପ୍ରେସମିଟରେ ବାଲେଶ୍ୱର ଏସପିଙ୍କ ସୂଚନା

ଜଳେଶ୍ୱର, ୨୩/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଶାସନବାଡ଼ ଅଞ୍ଚଳରେ ଏସଡିପିଓ ମାନସ କୁମାର ଦେଓଙ୍କ ନେତୃତ୍ୱରେ ବୁଧବାର ବିଳମ୍ବିତ ରାତି ସମୟରେ ଏକ କାଳୀନ ୪ଟି ଟିମ ଚଢ଼ାଉ କରି ଭଡ଼ା ଘରୁ ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ୍। ସୂଚନା ଅନୁଯାଇ ବୁଧବାର ବିଳମ୍ବିତ ରାତିରେ ଜଳେଶ୍ୱର ଶାସନବାଡ଼ ଅଞ୍ଚଳରେ ଉଭୟ ଜଳେଶ୍ୱର ତହସିଲଦାର ଗୌରାଙ୍ଗ ଚରଣ ଘୋଷ ଓ ଜଳେଶ୍ୱର ଏସଡିପିଓ ମାନସ କୁମାର ଦେଓ କୌଣସି ବିଶେଷ ସୂତ୍ରରୁ ଖବର ପାଇ ୪ ଜଣିଆ ଟିମ ଗଠନ କରି ଭଡା ଘରକ ଚାରି ପଟେ ଘେରି ଯାଇ ଚଢ଼ାଉ କରିଥିଲେ।ଏହି ଚଢ଼ାଉରେ ୧୦୪ କେଜି ଗଞ୍ଜେଇ ଜବତ କରାଯାଇଥିଲା।ଯାହାର ଆନୁମାନିକ ମୂଲ୍ୟ ୬ ଲକ୍ଷ ଟଙ୍କା ହେବ ବୋଲି ଆଜି ଜଳେଶ୍ୱର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ସୁଚନା ଦେଇଛନ୍ତି ବାଲେଶ୍ୱର ଏସପି ରାଜ ପ୍ରସାଦ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ....

### ଭିଜିଲାନ୍ସ ଜାଲରେ ...

୨୫ ଶହ ବର୍ଗଫୁଟ ଜମି ଓ ୬୫ ଶହ ବର୍ଗଫୁଟରେ ତିଆରି ଏ କୋଠାରେ ପାଖାପାଖି ୫ରୁ ୬ଟି ପରିବାରକୁ ଭଡା ସୂତ୍ରରେ ଘର ଦିଆଯାଇଛି । ଘର ପାଖକୁ ଲାଗି ୧୫ ଶହ ବର୍ଗ ଫୁଟରେ ଜମିରେ ଆଉ ଏକ କୋଠା ବି ବାଢ଼ିଆ ଚାଲିଛି। ଏତିକି ନୁହେଁ ବାବୁଙ୍କର ଭୁବନେଶ୍ୱର ଓ ପୁରୀରେ ୯ ଟି ଦାମୀ ପ୍ଲଟ୍ ତ ଅଛି ତା ସାଙ୍ଗକୁ ପିପିଲି ବିଲିପଡାରେ ବିରାଟ୍ ଫାର୍ମ ହାଉସ୍ ବି ଅଛି । ଏକ ଏକର ଜମିରେ ଥିବା ଏଇ ସେଇ ଫାର୍ମ ହାଉସ। ଏଥିସହ ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ବୀମା ଜମାରାଶି, ଗୋଟିଏ ଦାମୀ କାର ସହ ଆଉ ଏକ ବେନାମୀ ଦାମୀ କାରର ସନ୍ଧାନ ବି ପାଇଛି ଭିଜିଲାନ୍ସ ଟିମ୍ । ଭୁବନେଶ୍ୱର ସମେତ ଖରିଆରରେ ଥିବା ସୁଶାନ୍ତଙ୍କ ସରକାରୀ କ୍ୱାର୍ଟର, ଅଫିସରେ ରେଡ ଜାରି ରହିଥିବା ବେଳେ ସମ୍ପତ୍ତିର ତାଲିକା ଆହୁରି ଲମ୍ବିବା ନେଇ ଆଶା ରଖିଛି ଭିଜିଲାନ୍ସ ।

### ଆଜିଠୁ ଯୁକ୍ତ ଦୁଇ ନାମ ...

ମେ ୨୪ରୁ ୱେବ୍‌ସାଇଟରେ କମନ୍ ଆପ୍ଲିକେଶନ ଫର୍ମ (ସିଏଏଫ୍) ଉପଲବ୍ଧ ହେବ। ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ କେବଳ ଅନ୍‌ଲାଇନରେ ଆବେଦନ କରିପାରିବେ। ଅଫ୍‌ଲାଇନରେ କୌଣସି ଫର୍ମ ଗ୍ରହଣ କରାଯିବ ନାହିଁ। ଫର୍ମପୂରଣ କରିବା ପୂର୍ବରୁ ଛାତ୍ରୀଛାତ୍ରମାନେ ସିଏଏଫ୍‌କୁ ଭଲ ଭାବେ ପଢ଼ିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

### ଓଡ଼ିଶାରେ ବାଂଲାଦେଶୀଙ୍କୁ ...

ବିଜେଡି ପ୍ରଶ୍ରୟରେ ଓଡ଼ିଶାରେ ଅନୁପ୍ରବେଶ କରୁଥିଲେ । ତେଣୁ ସେମାନଙ୍କୁ ଜଲଦି ବାହାର କରିବାକୁ ରାଜ୍ୟ ସରକାରଙ୍କ ପାଖେ ଦାବି କରିଛନ୍ତି ଜୟ ନାରାୟଣ । ତେବେ ଜବାବରେ ପାଲଟା ହମଲା କରିଛି ବିଜେଡି । ବିଧାୟକ ବିଧାୟକ ଗଣେଶ୍ୱର ବେହେରା ବିଜେପି ସରକାର ସଂଖ୍ୟା ଲଘୁଙ୍କ ପ୍ରତି ଉଦାସୀନ ଥିବାର ଅଭିଯୋଗ ଆଣି ମାନବୀୟ ବିଚାରରେ ବାଙ୍ଗଲାଦେଶୀ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି। ସେହିପରି ବିଜେପିର ଭୋଟବ୍ୟାଙ୍କ ଅଭିଯୋଗକୁ ବି ହାସ୍ୟାସ୍ପଦ ବୋଲି କହିଛନ୍ତି ଗଣେଶ୍ୱର । ଏପଟେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରେ ଗ୍ରାଉଣ୍ଡରେ ବି ଆରମ୍ଭ ହୋଇଛି ଆକ୍ସନ । ବାଲେଶ୍ୱର ଜିଲ୍ଲା ବଳରାମ ଗଡି, ମିର୍ଜାପୁର ଅଂଚଳ । ଏଠି ବର୍ଷ ବର୍ଷ ଧରି ରହି ଆସୁଛନ୍ତି ହଜାର ହଜାର ବାଂଲାଦେଶୀ ଅନୁପ୍ରବେଶକାରୀ। ରାଜ୍ୟର ରାସନ କାର୍ଡ, ଭତ୍ତା, ଆବାସ ଘର ଭଳି ଯୋଜନରେ ବି ସାମିଲ ହୋଇଛନ୍ତି । କିନ୍ତୁ ଏବେ ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନର ମିଳିତ ସର୍ଭେ ପରେ ଅନୁପ୍ରବେଶକାରୀଙ୍କ ଟେନସନ ବଢିଛି । ପରିଚୟ କାଗଜପତ୍ର ଯାଞ୍ଚ ସହ ଭାଷା ଚାଲି ଚଳଣିକୁ ବି ଅନୁଧ୍ୟାନ କରାଯାଉଛି। ପୁରୁଣା ରେକର୍ଡ ବି ଦେଖି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଛନ୍ତି ବାଲେଶ୍ୱର ଏଡିଏମ୍ । ଗତକାଲି ବାଂଲାଦେଶୀ ସପକ୍ଷରେ ବୟାନ ପାଇଁ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲେ ବିଜେଡି ମେୟର ସୁଲୋଚନା ଦାସ। ଆଜି ଜୟନାରାୟଣଙ୍କ ଏହି ସଙ୍ଘାତିକ ଅଭିଯୋଗ ବିଜେଡିକୁ କାଠଗଡାରେ ଛିଡା କରିଛି ।

### ୯ରାଜ୍ୟରେ ଜ୍ୟୋତିଙ୍କ...

ଜ୍ୟୋତିଙ୍କ ଲାପଟପ ଓ ଫୋନର ଫରେନସିକ ରିପୋର୍ଟରୁ ଅଧିକ ତଥ୍ୟ ମିଳିବା ନେଇ ସମ୍ଭାବନା ରହିଛି । ଅନ୍ୟପଟେ କାଶୀର କିଛି ଭିଡ଼ିଓ ସାମ୍ନାକୁ ଆସିଛି । ଏଠାକାର ମୁସଲିମ ଅଞ୍ଚଳରେ ୧୨ଦିନ ରହିଥିଲେ ଜ୍ୟୋତି । କେବଳ ସେତିକି ନୁହେଁ କଥାବାର୍ତ୍ତା ଓ ପୋଷାକ ସବୁ କିଛି ମୁସଲିମ ପରି ଥିବା ନେଇ ଭିଡ଼ିଓରେ ଦେଖିବାକୁ ମିଳିଛି । ୬ମାସରେ ୩ଥର ବାରଣାସୀ, କାଶୀ ବୁଲିବା ପଛର କାରଣ କଣ ଏନେଇ ଉତ୍ତରପ୍ରଦେଶ ପୁଲିସ ମଧ୍ୟ ତଦନ୍ତ ଆରମ୍ଭ କରିଛି ।

### ଭୁଲ ନାହିଁ, ତୁମର ଜନ୍ମ ...

ଆଜି ସାରା ବିଶ୍ୱ ଆମ ସେନାକୁ ପ୍ରଶଂସା କରୁଛି। ସେ ଆହୁରି କହିଛନ୍ତି, 'ବିଶ୍ୱର ଅନେକ ସ୍ଥାନରେ ଆତଙ୍କବାଦୀ ଆକ୍ରମଣର ଜବାବ ଦିଆଯାଇଛି, କିନ୍ତୁ ଭାରତ ଦ୍ୱାରା ଦିଆଯାଇଥିବା ଜବାବ ଏକ ପ୍ରକାର ଭିନ୍ନ। ଯେତେବେଳେ ପହଲଗାମ ଉପରେ ଆକ୍ରମଣ ହୋଇଥିଲା, ଆମେ ୮ ତାରିଖରେ ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲୁ। ମାତ୍ର କିଛି ମିନିଟ୍ ର ଏକ ଅପରେସନରେ, ଆମେ ୯ଟି ଆତଙ୍କବାଦୀ ଘାଟିକୁ ଧ୍ୱଂସ କରିଥିଲୁ, ଯେଉଁଥିରେ ସେମାନଙ୍କର ମୁଖ୍ୟାଳୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଏଥିରେ, ଆମେ ପାକିସ୍ତାନୀ ସେନା କିମ୍ବା ଏୟାରବେସ୍ ଉପରେ ଆକ୍ରମଣ କରିନାହୁଁ। ଆମେ କେବଳ ଆତଙ୍କବାଦୀ ଘାଟି ଉପରେ ଆକ୍ରମଣ କରିଥିଲୁ।'

### ୧.୫୫ କୋଟି ଟଙ୍କାର...

ଅନଲାଇନରେ ପୁଞ୍ଜିନିବେଶ କରି ସେ ଠକାମିର ଶିକାର ହୋଇଥିଲେ। ଅଭିଯୁକ୍ତମାନେ ପ୍ରଥମେ ତାଙ୍କୁ ଅଧିକ ଟଙ୍କା ଫେରସ୍ତ କରିବାର ଲୋଭ ଦେଖାଇ ପୁଞ୍ଜିନିବେଶ କରିବାକୁ ପ୍ରୋତ୍ସାହିତ କରିଥିଲେ। ଯାହା ଫଳରେ ଅଭିଯୋଗକାରୀ ଜଣକ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ଷତି ହେବା ସତ୍ତ୍ୱେ ସାଇବର ଠକ ମାନଙ୍କ ପ୍ରରୋଚନାରେ ଅଧିକ ଟଙ୍କା ନିବେଶ କରିବାକୁ ଚାପ ପକାଉଥିଲେ। କିନ୍ତୁ ଟଙ୍କା ଉଠାଇବାକୁ ଚେଷ୍ଟା କରିବା ସମୟରେ ସେମାନେ ଅଧିକ ଟଙ୍କା ନିବେଶ କରିବାକୁ ଦାବି କରୁଥିଲେ। ଦିନ ପରେ ଦିନ ଗଡ଼ିବା ସତ୍ତ୍ୱେ ତାଙ୍କ ଆକାଉଂଟରୁ ଟଙ୍କା ଫେରି ନଥିଲା। ପରେ ସେ ଏହା ସାଇବର ଠକଙ୍କ କାମ ବୋଲି ଜାଣିପାରିଥିଲେ। ଏ ସମ୍ପର୍କରେ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ମଧ୍ୟପ୍ରଦେଶର ତୟବ ଖାନ (୨୩) ଏବଂ ଫିରୋଜ ଖାନ (୩୬) ଙ୍କୁ ଗିରଫ କରିଛି। ଅଭିଯୁକ୍ତ ୦୨ ଜଣ ନିଜକୁ ଟ୍ରେଡ ଆନାଲିଷ୍ଟ ଭାବେ ଉପସ୍ଥାପନ କରି ଅଭିଯୋଗକାରୀଙ୍କ ଠାରୁ ୧ କୋଟି ୫୦ ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଥିଲେ। ତଦନ୍ତକାରୀ ଟିମ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସମେତ ବିଭିନ୍ନ ଅପରାଧମୂଳକ ସାମଗ୍ରୀ ଜବତ କରିଛି। ଏହି ମାମଲାରେ ପୂର୍ବରୁ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି।

# ନିର୍ମାଣ ହେଉନି ଆଳଦା-କଇଥଗଡିଆ ରାସ୍ତା : ଧାରଣାରେ ବସିଲେ ନୟାଖଣ୍ଡି,କଇଥଗଡିଆ ଓ ଗଡପୋଖରୀ ପଞ୍ଚାୟତର ଅଧିବାସୀ

ଖଇରା,୨୩।୫ବାଲେଶ୍ୱର ଓ ମୟୁରଭଞ୍ଜ ୨ଜିଲାକୁ ସଂଯୋଗ କରୁଥିବା ଆଳଦା-କଇଥଗଡିଆ ରାସ୍ତାର ପୁନର୍ନିର୍ମାଣ କିମ୍ବା ମରାମତି ଦାବୀରେ ରାସ୍ତା ସଂଲଗ୍ନ ନୟାଖଣ୍ଡି,କଇଥଗଡିଆ ଓ ଗଡପୋଖରୀ ପଞ୍ଚାୟତର ଶତାଧିକ ଜନସାଧାରଣ ସୋର-କୁପାରୀ ରାଜ୍ୟ ରାଜପଥକୁ ତୋରାଣିପଦା ଠାରେ ଅଢେଇ ଘଣ୍ଟାଧରି ଅବରୋଧ କରିଥିଲେ। ଏହି ସମୟ ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାର ଭାରିଯାନ ଅଟକି ରହିଥିଲା। ପରେ ମାର୍କୋଣା ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ ଓ ସହକାରୀ ଯନ୍ତ୍ରୀ ମନୋଜ କୁମାର ସାମନ୍ତ ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ୧୫ଦିନ ମଧ୍ୟରେ ରାସ୍ତା ମରାମତି ପାଇଁ ଯନ୍ତ୍ରୀ ମାନେ ପ୍ରତିଶୃତି ଦେଇଥିଲେ। କଇଥଗଡିଆ ପଞ୍ଚାୟତର ସରପଞ୍ଚ ଅନିତା ପାଇକରାୟ,ସମିତିସଭ୍ୟ ନରୋତ୍ତମ ମହିମା ଜେନା,ନୟାଖଣ୍ଡି ପଞ୍ଚାୟତର ସରପଞ୍ଚ ମମତା ବେହେରା,ସମିତି ସଭ୍ୟ ସୋନାଲୀ ଶତପଥି,ପୂର୍ବତନ ସରପଞ୍ଚ ମାନସ କୁମାର ମହାପାତ୍ର ଓ ଗୋବର୍ଦ୍ଧନ ପାଇକରାୟ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ସୁନ୍ଦରପୁର ରଜମହୋତ୍ସବ କମିଟିର ସଦସ୍ୟ ତଥା ଉପରୋକ୍ତ ୩ପଞ୍ଚାୟତର ଗ୍ରାମବାସୀ ସାମିଲ ହୋଇଥିଲେ। ୧୫ଦିନ ମଧ୍ୟରେ ରାସ୍ତା ଯାତାୟାତ ଉପଯୋଗୀ ନହେଲେ ଗ୍ରାମବାସୀ ମାନେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଇଥଗଡିଆ ଗ୍ରାମର ଶୁବାଷିଶ ଜେନା କହିଛନ୍ତି।

SAI SADHANA
ନାମ ଲେଖା ଚାଲୁଅଛି
ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର
୧ମରୁ ୧୦ମ. (ଓଡ଼ିଆ ମାଧ୍ୟମ)
ସାଇ ସାଧନା+୨ ସାଇନ୍ସ ଏବଂ ଆର୍ଟସ (ଉଦଳା)
ସାଇ ସାଧନା + ୩ ସାଇନ୍ସ
Hons : Phy., Chem., Math., Comp. Sc, Bot, Zool
ରେସିଡେନସିଆଲ / ଡେ ବୋର୍ଡିଂ
ସାଇସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
(+୨ ବିଜ୍ଞାନ ଓ କଳା)
Contact : 9437294587, 9438317887

ADMISSION OPEN
BAISINGA I.T.I
: TRADE :
FITTER & ELECTRICIAN
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296
7846866623, 8327799536




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida